ମୟୂରର ମନ

ବିଜୟଲକ୍ଷ୍ମୀ ମହାନ୍ତି

Digitized by srujanika@gmail.com

ମୟୂରର ମନ

ଶ୍ରୀମତୀ ବିଜୟଲକ୍ଷ୍ମୀ ମହାନ୍ତ

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦ ବିହାରୀ, କଟକ-୨

Digitized by srujanika@gmail.com

ମୟୂରର ମନ

ଲେଖିକା :

ଶ୍ରୀମତୀ ବିଜୟଲକ୍ଷ୍ମୀ ମହାନ୍ତି

ପ୍ରକାଶକ :

ସହଦେବ ପ୍ରଧାନ
ଫ୍ରେଣ୍ଡସ୍ ପବ୍ଲିଶର୍ସ
ବିନୋଦବିହାରୀ
କଟକ-୭୫୩୦୦୨

ପ୍ରଥମ ସଂସ୍କରଣ :

୧୯୭୮

ପ୍ରଚ୍ଛଦ ଓ ଅଙ୍ଗସଜ୍ଜା :

ମହେନ୍ଦ୍ର ମହାପାତ୍ର

ମୁଦ୍ରାକର :

ହୀରା ପ୍ରିଣ୍ଟିଂ ୱାର୍କସ୍
ଝୋଲା ସାହି, କଟକ-୭୫୩୦୦୧

ମୂଲ୍ୟ : **ଚାରି ଟଙ୍କା**

Digitized by srujanika@gmail.com

ସୂଚିପତ୍ର

ବିଷୟ	ପୃଷ୍ଠା
୧ । ନାଲି କୁକୁଡ଼ା କଥା	୧-୩
୨ । ଘୋଡା	୪-୭
୩ । ପକ୍ଷୀମାନଙ୍କ ରାଜା	୮-୧୪
୪ । ବିଲେଇର ଲହୁଣୀଖିଆ	୧୫-୨୧
୫ । ଗଧିଆ ଓ ଛେଳିଛୁଆ	୨୨-୨୮
୬ । ବିଲେଇର ଚାତୁରୀ	୨୯-୩୭
୭ । ବେଙ୍ଗ ଓ ରାଜାଝିଅ	୩୮-୪୪
୮ । ସୁନା ହଂସ	୪୫-୫୪
୯ । ମୟୂରର ମନ	୫୫-୬୦

Digitized by srujanika@gmail.com

Digitized by srujanika@gmail.com

ବହୁତ ଦିନ ତଳର କଥା । ନାଲି କୁକୁଡ଼ାଟିଏ ବଣରେ ଏକା ଘର କରି ରହୁଥାଏ । ସେଇ ବଣରେ ପାହାଡ଼ ପାଖରେ କୁକୁଡ଼ାର ଘରକୁ ଲାଗି ଭାରି ହିଆଣିଆ କୋକିଶିଆଳଟିଏ ବି ରହେ । କୋକିଶିଆଳର ଘରେ ତା ମା ଥାଏ । ମା ବି ତା ପୁଅ ପରି ଚତୁର ।

କୋକିଶିଆଳ ବହୁତ ଥର ସେ ଛୋଟ ନାଲି କୁକୁଡ଼ାକୁ ଧରିବାକୁ ଚେଷ୍ଟା କଲା । କିନ୍ତୁ ନାଲି କୁକୁଡ଼ା ବି ଭାରି ଚାଲାକ୍ । ସେ କାହିଁକି ସହଜରେ ଧରା ଦେବ ? କୋକିଶିଆଳ ତାକୁ ଜମା ଧରିପାରେ ନାହିଁ । ସେ କେମିତି ତାକୁ ଧରିପାରିବ ବୋଲି ଭାବି ଭାବି ବଡ଼ ମନ ଦୁଃଖରେ ଥାଏ ।

ଦିନେ କୋକିଶିଆଳ ତା ମାକୁ ଡାକି କହିଲା, "ଆଜି ମୁଁ ନାଲି କୁକୁଡ଼ାକୁ ଧରିବା ପାଇଁ ଗୋଟିଏ ଉପାୟ ଠିକ୍ କରିଛି । ମୁଁ ମୋ ବ୍ୟାଗ ନେଇ ଯିବି, ତାକୁ ସେଥିରେ ପୂରାଇ ଆଣିବି । ମୁଁ ତାକୁ ନେଇ ଆସୁ ଆସୁ, ତୁ ପାଣି ଗରମ କରୁଥା । ଆଜି ରାତିରେ ଆମେ ତାକୁ ଖାଇବା ।

Digitized by srujanika@gmail.com

ଏ କଥା ଶୁଣି କୋକିଶିଆଳି ଛପି ଛପି ଯାଇ କୁକୁଡ଼ା ଘର ପାଖରେ ପହଞ୍ଚିଲା । ଜାଲି କୁକୁଡ଼ା କାଠ ଗୋଟାଇବା ପାଇଁ ଘରୁ ବାହାରିଲା । ଗଲାବେଳେ ତା ଘର କବାଟଟା ସେ ଭୁଲରେ ଖୋଲି ଦେଇଗଲା । କୋକିଶିଆଳିକି ତ ସୁବିଧା ମିଳିଗଲା । ସେ ଝଟ୍‌କରି କୁକୁଡ଼ାର ଘର ଭିତରକୁ ଚାଲିଯାଇ କବାଟ କଣରେ ଲୁଚିଗଲା । କୁକୁଡ଼ା ତାକୁ ଦେଖିପାରିଲା ନାହିଁ ।

ସେ କାଠ ଗୋଟେଇ ସାରି ଘରକୁ ଆସି ତା କବାଟକୁ ଧଡ଼୍‌କରି ବନ୍ଦ କରିଦେଲା । ଆରେ ବାବା ! ଦେଖିଲାବେଳକୁ କୋକିଶିଆଳି ତା ଲାଞ୍ଜକୁ ଫୁଲେଇ ଘରେ ବସିଛି । କୁକୁଡ଼ା ସେଇଠୁ ଆଖି ପିଛୁଳାକେ ଉଡ଼ିଯାଇ ତା ଘରର ଉଚ୍ଚ କାନ୍ଥ ଉପରେ ବସିପଡ଼ିଲା । ସେ କୋକିଶିଆଳିକୁ କହିଲା, "ଆରେ କୋକି, ତୁ ଆଜି ଘରକୁ ଯାଆ । ତୁ କ'ଣ ସତରେ ଆଜି ମତେ ଧରି-ପାରିବୁ ?"

କୋକିଶିଆଳି ବି ନଛୋଡ଼ବନ୍ଧା । ସେ ଆଜି କୁକୁଡ଼ାକୁ ନ ନେଇ ଫେରିବନି ବୋଲି ଠିକ୍ କରିଛି । ସେ କହିଲା, "ହଉ ହଉ ଦେଖିବା । ତୁ କାହିଁକି ଏମିତି ବ୍ୟସ୍ତ ହେଉଛୁ । ମୁଁ ତତେ ଛାଡ଼ି ଆଜି ଯାଉ ନାହିଁ ।" ଏଇଆ କହି ତା ଲାଞ୍ଜକୁ ଟେକି ଘିର୍ ଘିର୍ ଘୁରିବାକୁ ଲାଗିଲା ।

କୁକୁଡ଼ା ତାକୁ ଦେଖୁଥାଏ । ଦେଖୁ ଦେଖୁ ତା ମୁଣ୍ଡ ବି ଘୁରିବାକୁ ଲାଗିଲା । ସେ କାନ୍ଥ ଉପରୁ ତଳକୁ ଖସିପଡ଼ିଲା । କୋକିଶିଆଳି ତାକୁ ଚଟ୍ କରି ଧରି ତା ବ୍ୟାଗରେ ପୂରେଇ ମହାଖୁସିରେ ତା ପାହାଡ଼ ପାଖ ଘରକୁ ଦୌଡ଼ିଲା ।

କୁକୁଡ଼ା ବିଚାରୀ ତ ଧରା ପଡ଼ିଗଲା । ସେ ବ୍ୟାଗ ଭିତରେ ଥାଇ ଭାବୁଥାଏ କଣ କରିବ । ସେ ମନେ ମନେ ଗୋଟାଏ ଉପାୟ ସ୍ଥିର କରି ପକାଇଲା । ତା ପର ଭିତରେ ସେ ଗୋଟାଏ ଭାରି ଧାରୁଆ ଛୋଟ ଛୁରୀ ଲୁଚେଇ

Digitized by srujanika@gmail.com

ରଖିଥାଏ । ସେଇଟାକୁ କାଢ଼ି ଯେଉଁ ବ୍ୟାଗରେ ସେ ପଶିଥିଲା ତାକୁ ଧୀରେ ଧୀରେ କାଟି ଗୋଟେ ବଡ଼ କଣା କଲା । ସେ କଣାବାଟେ ବାହାରକୁ ଚାଲି ଆସି ଗୋଟାଏ ବଡ଼ ପଥର ନେଇ ସେ ବ୍ୟାଗରେ ପୂରାଇଦେଲା । କୋକିଶିଆଳ ତ ମନ ଖୁସିରେ ଗୀତ ଗାଇ ଗାଇ ଚାଲିଛି । ବ୍ୟାଗଟାକୁ ତ ତା ପିଠିରେ ପକାଇଛି । ତେଣୁ ସେ କୁକୁଡ଼ାର କାରସାଦ କିଛି ବୁଝିପାରିଲା ନାହିଁ ।

ଶୀଘ୍ର ଶୀଘ୍ର ପାଦ ପକାଇ ଘରେ ପହଞ୍ଚି ମା'କୁ ତାର ଡାକ ପକାଇଲା । କହିଲା, "କଣ ପାଣି ଗରମ କଲୁଣି ନା ନାହିଁ ମ ?" ତା' ମା କହିଲା, "ପାଣି ତ ଚୁଲିରେ ବସି ଫୁଟୁଛି । ତୁ କ'ଣ ଆଣିଛୁ ବାହାର କର ।"

ସେଇଠୁ ସେ ସିଆଣିଆ କୋକିଶିଆଳ କ'ଣ କଲା ସେଇ ଗରମ ଫୁଟନ୍ତା ପାଣିରେ ବ୍ୟାଗକୁ ସିଧା ଖୋଲିଦେଲା । ସେ ଭାବିଲା କୁକୁଡ଼ାକୁ ଗରମ ପାଣିରେ ଛାଡ଼ିଦେଲେ ଭାରି ମଜା ହେବ । କିନ୍ତୁ ବ୍ୟାଗ ଭିତରୁ ସେ ବଡ଼ ପଥରଟା ଧୁଲ୍ କରି ଗରମ ପାଣି ଡେକଚି ଭିତରକୁ ପଡ଼ିଗଲା । ଫୁଟିଲା ପାଣି ଚାରିଆଡ଼କୁ ଛିଟିକି ପଡ଼ିଲା । ସେ ସିଆଣିଆ କୋକିଶିଆଳ ଆଉ ତା ଡକୁରୀ ମା ଦୁହିଁଙ୍କ ଉପରକୁ ବି ଗରମ ପାଣି ସବୁ ଛିଟିକି ପଡ଼ିଲା, କାରଣ ସେମାନେ ମଜା ଦେଖିବେ ବୋଲି କଡ଼େଇ ଉପରକୁ ଉହୁଁକି ପଡ଼ିଥିଲେ । ଦୁ' ଜଣଯାକ ଗରମ ପାଣି ଛିଟା ଖାଇ ମଲେ ।

ସେଇଦିନଠାରୁ ନାଲି କୁକୁଡ଼ା ତା ଜଙ୍ଗଲ ଘରେ ଖୁସିରେ ରହିଲା ।

Digitized by srujanika@gmail.com

ନିଚ୍ଛାଟିଆ ଘଞ୍ଚ ଜଙ୍ଗଲ । ତା ଭିତରେ ପଟେ ଯୋତା ପଡ଼ିଥାଏ । କେହି ଜାଣନ୍ତି ନାହିଁ କେମିତି ସେ ଯୋତା ସେଠିକି ଆସିଲା, କେବେ ବା ଆସିଲା, କେହି ବି ଜାଣନ୍ତି ନ ସେଇଟା କ'ଣ । ଜଙ୍ଗଲ ପାଖରେ ବି ମଣିଷ ରହେ ନାହିଁ, କେବେ କେମିତି ସେ ବଣକୁ ଆସେ । କିନ୍ତୁ ଜଙ୍ଗଲର ପଶୁମାନେ କେହି କେବେ ମଣିଷ କେମିତିକା ଦେଖି ନ ଥାନ୍ତି । ତେଣୁ ସେ ଯୋତାପଟକ ଦେଖି ପଶୁମାନଙ୍କ ଭିତରେ ଧ୍ୱନେଣି ପଡ଼ିଗଲା । ସେଇଟା କ'ଣ, କେଉଁଠୁ ଆସିଲା, ଭଲ କି ମନ୍ଦ, କେହି କିଛି ଠିକ୍ କରି କହିପାରୁ ନ ଥାନ୍ତି ।

ପ୍ରଥମେ ଭାଲୁ ଆସି ତାକୁ ଦେଖିଲା । ସେ କହିଲା, 'ଏଇଟା କଣ ?' ସେ ତାକୁ ଗୋଡ଼ରେ ଗଡ଼େଇ ଗଡ଼େଇ ଏପଟ ସେପଟ କରି ବହୁତ ଦେଖିଲା, ହେଲେ କିଛି ବୁଝିପାରିଲା ନାହିଁ, ସେଇଟା କ'ଣ, କି ଜିନିଷ । ସେଇଠୁ ସେ ବଣର ଅନ୍ୟ ସବୁ ପଶୁମାନଙ୍କୁ ଡାକି ସେ ଯୋତା ପଟକ ସେମାନଙ୍କୁ ଦେଖାଇଲା । କାଳେ ସେମାନେ ଜାଣିଥିବେ ସେଇଟା କ'ଣ ବା ଚିହ୍ନିଥିବେ ଆଗରୁ ।

Digitized by srujanika@gmail.com

କିନ୍ତୁ କେହି ହେଲେ ସେମିତିଆ ଜିନିଷ ଆଗରୁ ଦେଖି ନ ଥାନ୍ତି ।

ସିଂହ ତ ବଣର ରଜା । ସେ ପ୍ରଥମେ କହିଲା, "ଏଇଟା ହେଉଛି ଘୋଡ଼ାଏ ଗଛର ବକଳ ।" ଚିତାବାଘ ତା ଶୁଣି କହିଲା, "ନା, ନା, ଏଇଟା ନିଶ୍ଚୟ କୌଣସି ଫଳର ଚୋପା ।" ମାଙ୍କଡ଼ କହିଲା, "ତା ନୁହେଁ, ଏଇଟା ବୋଧେ ବାଦାମ ଫଳର ଖୋଳ ।" ପାଖରେ ଗଧିଆ ବସିଥିଲା । ସେ କହିଲା, "ତମେ ସବୁ ଯାହା କହୁଛ ଏଇଟା ସେ ସବୁ କିଛି ନୁହେଁ । ଏଇଟା ହେଉଛି କୌଣସି ଚଢ଼େଇର ବସା । ଦେଖୁନ, ଏଇଠି ବସା ଭିତରକୁ ପଶିବାକୁ ଚଢ଼େଇ ତା ବାଟ ତିଆରି କରିଛି । ଆଉ ଏଇଠି ଆହୁରି ଭିତରକୁ ତା ଅଣ୍ଡା ରଖିବାକୁ ଜାଗା ହୋଇଛି ।" ଏଇଆ କହି ସେ ଜୋତାର ଅଗଟାକୁ ଦେଖାଇଲା । ଛେଳି କହିଲା, "ତମେ ସବୁ ଭୁଲ କହୁଛ ।" ସେ ଜୋତାର ଲମ୍ବା ଫିତାକୁ ଦେଖାଇ କହିଲା, "ଏ ହେଉଛି ଗଛର ଚେର । ତେଣୁ ଏଇଟା ନିଶ୍ଚୟ କୌଣସି ପ୍ରକାର ଗଛ ହୋଇଥାଇପାରେ ।"

ଏମିତି ସବୁ ପଶୁମାନେ ନିଜ ନିଜ ମତ କହିଲେ ଓ ସମସ୍ତେ ଭାବିଲେ ସେମାନେ ଯାହା କହୁଛନ୍ତି ଠିକ୍ । କୁହାକୁହି ହେଉ ହେଉ ସେମାନଙ୍କ ଭିତରେ କଳି ଆରମ୍ଭ ହୋଇଗଲା । ଏହାପରେ କଳି ଆରମ୍ଭ ହେଲାବେଳକୁ ଗୋଟାଏ ବୁଢ଼ା ପେଚା ପାଖ ଗଛରେ ବସି ସେମାନଙ୍କର ସବୁ କଥା ଶୁଣୁଥିଲା ।

ଶେଷରେ ସେ କହିଲା, "ତମେ ସବୁ ଯଦି କଳି ନ କରିବ ତେବେ ମୁଁ କହିବି ଏଇଟା କ'ଣ । ମୁଁ ଏମିତିକା ଜିନିଷ ବହୁତ ଦେଖିଛି । ଏଇଟା ହେଉଛି ମଣିଷର ପଟେ ଯୋତା ।"

Digitized by srujanika@gmail.com

ସବୁ ପଶୁପାକ ପାଟି କରି ଉଠିଲେ "କ'ଣ କହିଲ, କ'ଣ କହିଲ ? ଏଇଟା କ'ଣ ? ମଣିଷ ପୁଣି କିଏ, ମଣିଷର ଘୋଡା, ସେ କେମିତିକା ଜିନିଷ ?"

ପେଚ କହିଲା, "ମଣିଷର ଚଢ଼େଇ ପରି ଦୁଇଟା ଗୋଡ଼ । କିନ୍ତୁ ତା ଦେହରେ ଜମା ପର ନାହିଁ । ସେ ଆମ ପରି ଚାଲିପାରେ, ଖାଇପାରେ । ପୁଣି କଥା ବି କହିପାରେ । କିନ୍ତୁ ସେ ଆମଠାରୁ ଢେର ବେଶି କାମ କରିପାରେ ।"

ଧୁଲୁ କହିଲା, "ଏଗୁଡ଼ା ବାଜେ କଥା । ଏ କଥା କେବେ ବି ସତ ହୋଇ ନ ଥିବ । ଯାହାର ଦୁଇଟା ଗୋଡ଼ ଥିବ ସେ କେମିତି ଆମଠାରୁ ଅଧିକ କାମ କରିପାରିବ ? ଆମର ତ ଚାରିଟା ଗୋଡ଼ । ଆମେ ଯାହା ନ କରିପାରିବା ସେ ପୁଣି କେମିତି କରିପାରିବ ? ଏ କଥା ମିଛ, ତମେ ଆମକୁ ଭୁଲଉଛ ।"

ଚଢ଼େଇମାନେ କହିଲେ, "ଏ କଥା କେବେହେଲେ ସତ ହୋଇ ନ ଥିବ । ଯାହାର ଦୁଇଟା ଗୋଡ଼ ଥିବ, ତାର ପୁଣି କେମିତି ଦେହରେ ପର ନ ଥିବ । ଏଗୁଡ଼ା ମିଛ କଥା ।"

ପେଚ କହିଲା, "ତମେ ବିଶ୍ୱାସ କର କି ନ କର, ମୁଁ ଯାହା କହୁଛି ପୁରାପୂରି ସତ । ମଣିଷମାନେ ଏମିତିଆ ଜିନିଷ ତିଆରି କରନ୍ତି । ସେମାନେ ତାକୁ କହନ୍ତି ଯୋତା । ସେମାନେ ତାକୁ ପାଦରେ ପିନ୍ଧନ୍ତି ।"

ଯେତେ ସବୁ ପଶୁପକ୍ଷୀ ସେଠି ଥିଲେ ସମସ୍ତେ କହିଲେ, "ମିଛ, ମିଛ । ଆମେ ଜାଣୁ ଏମିତିଆ ଜିନିଷ ସବୁ ପାଦରେ ପିନ୍ଧାଯାଏ ନାହିଁ । ତମେ ଯାହା କହୁଛ ସବୁ ମିଛ । ତେଣୁ ତମେ ଆମ ସାଙ୍ଗରେ ରହିପାରିବ ନାହିଁ ।" ଏଇଆ କହି ସବୁ ପଶୁପକ୍ଷୀମାନେ ବିଚରା ବୁଢ଼ା ପେଚକୁ ଜଙ୍ଗଲରୁ ତଡ଼ି ବାହାର କରିଦେଲେ ।

Digitized by srujanika@gmail.com

ପେଙ୍ଗୁ କହିଲା, "ତମେ ସବୁ ଯାହା କହ ପଛେ, ମୁଁ ଯାହା କହୁଛି ତା ସତ।"

ପ୍ରକୃତରେ ହିଁ ପେଙ୍ଗୁ କଥା ସତ। କିନ୍ତୁ ସବୁ ପଶୁପକ୍ଷୀମାନେ ତାକୁ ମାର ଗୋଡ଼େଇବାରୁ ସେ ସବୁବେଳେ ଲୁଚକରି ଥାଏ। କେବଳ ରାତି ହେଲେ ବେଳେ ବେଳେ ବାହାରି କହେ, "ହୁଁ ହୁଁ, ମୁଁ ଯାହା କହୁଛି ସତ, ସତ।" ସେ କାହା ସହିତ ସାଙ୍ଗ ହୁଏ ନାହିଁ।

Digitized by srujanika@gmail.com

ଥରେ ବଣର ସବୁ ପକ୍ଷୀମାନେ ଏକାଠି ହୋଇ ତାଙ୍କ ଭିତରୁ ଜଣକୁ ରଜା ବାଛିବାକୁ ଠିକ୍ କଲେ । ସେଇଠୁ ଠିକ୍ ହେଲା ଯେ ଯେଉଁ ଚଢ଼େଇ ସବୁଠାରୁ ଉଚ୍ଚକୁ ଉଡ଼ିପାରିବ ସେଇ ଚଢ଼େଇମାନଙ୍କର ରଜା ହେବ । ତାଙ୍କ ଭିତରେ ଇଗଲ୍ ସବୁଠାରୁ ବଡ଼ ଓ ବଳୁଆ ଥିଲା । ସେ ମନେ ମନେ ଭାବିଲା, ସେ ନିଶ୍ଚୟ ରଜା ହେବ । ଛୋଟ ଛୋଟ ଚଢ଼େଇଙ୍କ ଭିତରେ ନିଜର ବାହାଦୁରୀ ଦେଖାଇବାକୁ ସେ କହିଲା, "ତମେମାନେ ମତେ କାହିଁକି ରଜା କରୁନାହଁ ? ତମେ ତ ଜାଣିଛ, ମୁଁ ସବୁଠୁଁ ଉଚ୍ଚକୁ ଉଡ଼ିପାରେ ।" ସେଇଠୁ ଟିକି ଫୁଲଚୁଇଁ ଉଠିପଡ଼ି କହିଲା, "ଇଗଲ ଭାଇ, ତମେ ବଳୁଆ, ପୁଣି ବଡ଼ ସତ; କିନ୍ତୁ ସେଥିପାଇଁ ତମେ ରଜା ହେବ ବୋଲି କାହିଁକି ଭାବୁଛ ?"

ତା କଥା ଶୁଣି ସବୁ ଛୋଟ, ମଝିଆ ଓ ବଡ଼ ଚଢ଼େଇମାନେ ଏକାଠି ହୋଇ ଗୋଟିଏ ପ୍ରତିଯୋଗିତାଦ୍ୱାରା ରଜା ବାଛିବାକୁ ସ୍ଥିର କଲେ । ଯେତେ-

Digitized by srujanika@gmail.com

ବେଳେ ସବୁ ଚଢ଼େଇଯାକ ଉଡ଼ିବା ପାଇଁ ପ୍ରସ୍ତୁତ ହୋଇଗଲେ, ପେଗୃ ଡାକ ଉଠିଲା "ହୁଁ, ହୁଁ" । ପେଗୃ ଡାକ ଶୁଣି ସବୁ ଚଢ଼େଇଯାକ ସିଧା ଆକାଶକୁ ଉଡ଼ିଗଲେ । ଉଡ଼ି ଉଡ଼ି ସେମାନେ ଯେମିତି କି ନୀଳ ଆକାଶକୁ ଛୁଇଁ-ଦେବେ । କିନ୍ତୁ ଆସ୍ତେ ଆସ୍ତେ ଗୋଟିଏ ପରେ ଗୋଟିଏ ଚଢ଼େଇ ହାରି ତଳକୁ ଖସିଲେ ।

ଏକାକୀ ଇଗଲ ଆକାଶରେ ଉଡ଼ିବାକୁ ଲାଗିଲା । ସେ ତ ସମସ୍ତଙ୍କଠାରୁ ବଳୁଆ । କିଛି ସମୟ ପରେ ସେ ତଳକୁ ଅନେଇଲା, ଦେଖିଲା ଯେ ସବୁ ଚଢ଼େଇ ହାରି ତଳକୁ ଖସିଗଲେଣି । ସେଇଠୁ ସେ ପାଟି କରି କହିଲା, "ଦେଖିଲ, ମୁଁ ଯାହା କହୁଥିଲି ସତ କି ମିଛ । ବର୍ତ୍ତମାନ ମୁଁ ହେଉଛି ଆକାଶର ରାଜା ଓ ଚଢ଼େଇମାନଙ୍କର ବି ରାଜା । କ'ଣ ସମସ୍ତେ ରାଜି ତ ?"

ଟିକି ଫୁଲଚୁଇଁ ତ ମହା ଚାଲାକ୍ । ସେ ଇଗଲର ଠିକ୍ ପେଟ ତଳେ ଉଡୁଥାଏ । ସେଥିପାଇଁ ଇଗଲ ତାକୁ ଦେଖିପାରୁ ନ ଥିଲା । ସେ ବା କେମିତି ଜାଣିବ ? ଯେମିତି ଇଗଲ ଗର୍ବରେ ଜିତିଛି ବୋଲି ଉଡ଼ିବା ବନ୍ଦ କରି-ଦେଇ ତଳକୁ ଓହ୍ଲେଇ ଆସିଲା ସେମିତି ଫୁଲଚୁଇଁ ତା ପେଟ ତଳୁ ଉପରକୁ ଉଡ଼ିଗଲା । ସେ ଇଗଲର ଠିକ୍ ମୁଣ୍ଡ ଉପରେ ଉଡ଼ି ଉଡ଼ି କହିଲା, "ନା, ନା, ଇଗଲ ଭାଇ, ମୁଁ ହେଉଛି ପକ୍ଷୀମାନଙ୍କର ରାଜା, ମୁଁ ଉଡ଼ିବାରେ ଜିତିଛି । ସମସ୍ତେ ମୋ ଆଡ଼କୁ ଅନାଇ ଦେଖ, ମୁଁ ସମସ୍ତଙ୍କଠାରୁ ଅଧିକ ଉପରକୁ ଉଡ଼ୁଛି ।"

ସବୁ ଚଢ଼େଇମାନେ ଫୁଲଚୁଇଁ ଜିତିବା ଓ ଗର୍ବୀ ଇଗଲକୁ ହାରିବାର ଦେଖି ଭାରି ଖୁସିହେଲେ । ଇଗଲର ଗର୍ବ ଭାଙ୍ଗିଗଲା । ସବୁ ଚଢ଼େଇମାନେ ଫୁଲଚୁଇଁକୁ ତାଙ୍କର ରାଜା ବାଛିଲେ ।

Digitized by srujanika@gmail.com

ଫୁଲଚୁଇଁର ଚାଲାକି ଓ ସେ ରାଜା ହେବା ଦେଖି ଇଗଲ ଭୟଙ୍କର ରାଗିଗଲା । ସେ ଫୁଲଚୁଇଁକୁ ପଂଝାରେ ଧରି ପକେଇଲା ଓ ତାକୁ ମାଟିରେ କଚାଡ଼ି ଦେଲା । ଟିକି ଫୁଲଚୁଇଁକୁ ସେମିତି ବେଶୀ କିଛି କଷ୍ଟ ହେଲା ନାହିଁ । ତାକୁ ସବୁ ଚଢ଼େଇଯାକ ରାଜା ବାଛିଛନ୍ତି ବୋଲି ତା ମନ ତ ଖୁସିରେ କୁଣ୍ଢେ ମୋଟ । କିନ୍ତୁ ଇଗଲ ରାଗରେ ତାର ଅଧା ଲାଞ୍ଜ ଚିରିଦେଲା । ହେଲେ ବି ସେ ତ ରାଜା ।

ସେଇଦିନଠାରୁ ଫୁଲଚୁଇଁର ଲାଞ୍ଜ ଛୋଟ ହୋଇ ରହିଗଲା ।

ବସନ୍ତ ଋତୁ । ଚଢ଼େଇମାନେ ତାଙ୍କର ବସା ତିଆରିରେ ଲାଗିଥାନ୍ତି । ସାରା ବଣ ଚଢ଼େଇଙ୍କ ଗୀତରେ ପୂରିଯାଇଛି । ଓକ୍ ଗଛର ସବୁଜ ପତ୍ର ତଳେ ଚଢ଼େଇମାନଙ୍କର ରାଜା ଓ ରାଣୀ ବସା କରିଥାନ୍ତି । ରାଜା ଓ ରାଣୀଙ୍କ ଘର ଓ ଅନ୍ୟ ସବୁ ଚଢ଼େଇଙ୍କ ଘର ଆମକୁ ସମାନ ଏକାପରି ଦେଖାଯିବ, ହେଲେ ଚଢ଼େଇମାନଙ୍କୁ ତାଙ୍କ ରାଜାଙ୍କ ଘର ରାଜପ୍ରାସାଦ । ସେଇ ରାଜପ୍ରାସାଦରେ ଚାରି ରାଜପୁତ୍ର ରହିଥାନ୍ତି । ସେମାନଙ୍କ ବାପା ଆକାଶର ରାଜା ବୋଲି ସେମାନଙ୍କର ଭାରି ଗର୍ବ ।

ଦିନେ ଗଧିଆ ଓ ଭାଲୁ ଦି'ଜଣ ସାଙ୍ଗ ହୋଇ ସେଇ ଓକ୍ ଗଛ ପାଖ ଦେଇ ଯାଉଥାନ୍ତି । ଭାଲୁ ଯେମିତି ସେ ରାଜାଘର ଗଛ ପାଖରେ ପହଞ୍ଚିଲା, ସେ ଗଧିଆକୁ ପଚାରିଲା, "ଏଇଟା କାହା ଘର ?" ଗଧିଆ କହିଲା, "ଚୁପ୍ ଚୁପ୍, ପାଟି କରନା, ପାଟି କରନା । ଏଇଟା ସବୁ ଚଢ଼େଇମାନଙ୍କ ରାଜା ଫୁଲଚୁଇଁଙ୍କ ରାଜପ୍ରାସାଦ ।" ଭାଲୁ କହିଲା, "ଓହୋ ! କି ଗୋଟାଏ ଅଦ୍ଭୁତ ରାଜପ୍ରାସାଦ ହୋଇଛି ! ମୁଁ ଯାଇ ତା ଭିତରକୁ ଭଲ କରି ଟିକେ ଦେଖେ !" ଗଧିଆ ପାଟି କରି ଉଠି କହିଲା, "ନା, ନା, ତୁ ଜମା ସେ ଘର ଭିତରକୁ ଅନା ନା । ତୁ ପ୍ରଥମେ ଏ ବିଷୟରେ ରାଜାରାଣୀଙ୍କ ଅନୁମତି ନେବା ଦରକାର । ସେମାନଙ୍କ ଅନୁମତି ନ ନେଇ ସେମାନଙ୍କୁ ରାଗେଇବା ଠିକ୍ ହେବ ନାହିଁ ।"

Digitized by srujanika@gmail.com

ଭାଲୁ କିନ୍ତୁ ଗଧିଆ କଥା ନ ଶୁଣି ତାକୁ ଠେଲିଦେଇ ରଜାଙ୍କ ଘର ପାଖକୁ ଗଲା । ଏଠାରେ ରଜାଘର ଭିତରକୁ ଅନେଇ ଦେଇ ଠୋ ଠୋ ହସିବାକୁ ଲାଗିଲା । ନମ୍ର ଭକ୍ତା ନୃଅମାନଙ୍କ ଆଡ଼କୁ ଅନାଇ କହିଲା, "କ'ଣ, ଏମାନେ ତ ଜମା ରଜାପୁଅ ଭଳି ଦିଶୁନାହାନ୍ତି । ଗୁହଳା ଚଢ଼େଇ ଛୁଆଙ୍କୁ କହୁଛୁ କ'ଣ ନା ରଜାପୁଅ !"

ଏକଥା ଶୁଣି ଗୁହଳ ରଜାପୁଅଯାକ ଭୀଷଣ ରାଗିଗଲେ । ସେମାନେ ଭାଲୁକୁ କହିଲେ, "ଆମେ ସବୁ ରଜାଙ୍କ ପୁଅ । ତୁମେ ଯେପରି ଭାବରେ କଥାବାର୍ତ୍ତା କରୁଛ, ସେଥିପାଇଁ ତୁମକୁ ଅନୁତାପ କରିବାକୁ ପଡ଼ିବ ।" ତାଙ୍କ କଥା ଶୁଣି ଭାଲୁ ହସି ହସି ଗଡ଼ିଗଲା । ସେ କହିଲା, "ହଇରେ ତମେ କ'ଣ ଭାବୁଛ ତମ ପରି ଏଇ ଟିକି ଟିକି ଚଢ଼େଇଗୁଡ଼ା ମୋ ପରି ଏଡ଼େ ବଡ଼ ଭାଲୁର କିଛି କ୍ଷତି କରିପାରିବ ? ତମକୁ ପୁଣି ମୁଁ ଡରିବି ? ଦୁରୁଃ !"

ଏମିତି କହି କହି ଭାଲୁ କିଛି ନ ହେଲା ପରି ତା ଘରକୁ ଚାଲିଗଲା ।

ଭାଲୁ ଯିବା ପରେ ପରେ ରଜା ଫୁଲଚୁଇଁ ଓ ରାଣୀ ଫୁଲଚୁଇଁ ଘରକୁ ଫେରିଲେ । ରଜାଙ୍କୁ ଦେଖି ଟିକି ରାଜପୁତ୍ରମାନେ ରାଗରେ ପାଟି କରି ଉଠିଲେ । ଭାଲୁ ଯାହା ଯାହା କହିଥିଲା ତାହା ସବୁ ରଜାଙ୍କ ଆଗରେ କହିଲେ । ସେମାନେ ଜିଦ୍ ଧରି ବସିଲେ ଯେ ରଜା ଯଦି ସେ ଦୁଷ୍ଟ ବୁଢ଼ା ଭାଲୁକୁ ଉଚିତ ଦଣ୍ଡ ନ ଦିଅନ୍ତି, ସେମାନେ କିଛିହେଲେ ଖାଇବେ ନାହିଁ । ରଜା ଫୁଲଚୁଇଁ ଏବେ କରିବେ କ'ଣ ? ରଜାଙ୍କୁ ବି ଅପମାନ ହୋଇଛି । ସେ ସଙ୍ଗେ ସଙ୍ଗେ ଭାଲୁ ଘରକୁ ଯାଇ ତାକୁ ବାହାରକୁ ଡାକିଲେ । ଭାଲୁ ବାହାରକୁ ଆସିବାରୁ ରଜା କହିଲେ, "ରେ ବୁଢ଼ା ଭାଲୁ, ତୁ ବର୍ତ୍ତମାନ ଅତି ଶୀଘ୍ର ଓକ୍ ଗଛରେ ଥିବା ରାଜପ୍ରାସାଦକୁ ଯାଇ ମୋର ପିଲାମାନଙ୍କୁ କ୍ଷମା ପ୍ରାର୍ଥନା କର ।

ଭାଲୁ ଏ କଥା ଶୁଣି କେବଳ ହସିଲା ଓ ହସି ହସି ପୁଣି ଗାତ ଭିତରକୁ ଚାଲିଗଲା । ଏ କଥାରେ ରାଜା ଫୁଲଚୁଇଁ ଭୟଙ୍କର ରାଗିଗଲା । ତାକୁ ଭାରି ଅପମାନ ହେଲା । ସେ ରାଗରେ ନାଚି ଫୁଲାଇ କହିଲା, "ମୁଁ ଚଢ଼େଇମାନଙ୍କର ରାଜା ଏବଂ ଆଜି ମୁଁ ଏକ ବଡ଼ ସଭା ଡାକି ମୋର ପ୍ରଜାମାନଙ୍କୁ ବଣର ସମସ୍ତ ପଶୁମାନଙ୍କ ବିରୋଧରେ ଲଢ଼ିବାକୁ ଆଦେଶ ଦେବି ।"

ଫୁଲଚଇଁ କଥା ଶୁଣି ଭାଲୁ ରାଗିକରି କହିଲା, "ତୋର ଯଦି ଇଚ୍ଛା ହେଉଛି ତୁ ଯୁଦ୍ଧ କର । ପଶୁମାନେ ମଧ୍ୟ ତମ ସହିତ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି ।"

ଚଢ଼େଇ ରାଜା ଫୁଲଚୁଇଁ ସବୁ ଚଢ଼େଇମାନଙ୍କୁ ତା ପ୍ରାସାଦକୁ ଆସିବା ପାଇଁ ଆଦେଶ ଦେଲା । ସେମାନେ ଆସିବାରୁ ଭାଲୁର ଖରାପ ବ୍ୟବହାର କଥା ଓ ତାକୁ ଅପମାନ ଦେବା କଥା ସେମାନଙ୍କୁ କହିଲା । ସବୁ ଶୁଣି ଚଢ଼େଇ-ମାନେ ଭୀଷଣ ରାଗିଗଲେ । ସେମାନେ ଏକଜୁଟ ହୋଇ କହିଲେ, "ଆମେ ଭାଲୁ ଓ ବଣର ସବୁ ପଶୁମାନଙ୍କ ବିରୋଧରେ ଯୁଦ୍ଧ କରିବୁ ।"

ପଶୁମାନେ ଚଢ଼େଇମାନଙ୍କ ନିଷ୍ପତ୍ତି ଶୁଣି ସେମାନେ ମଧ୍ୟ ଭାଲୁ ଘର ଆଗରେ ଏକାଠି ହୋଇ ସଭା ବସାଇଲେ । ସଭାରେ ସିଂହ, ବାଘ, ହାତୀ, ହରିଣ, ଗଧିଆ, ଚିତାବାଘ ଓ କୋକିଶିଆଳ ପ୍ରଭୃତି ବଣର ସବୁ ପଶୁମାନେ ବସିଥିଲେ । ସମସ୍ତେ ବସି କେମିତି ଚଢ଼େଇମାନଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ପରାଜିତ କରିବେ, ସେ ବିଷୟରେ ବହୁତ ସମୟ ଆଲୋଚନା କଲେ । କିନ୍ତୁ ସେମାନଙ୍କ ଅଜାଣତରେ ଟିକି ଚଢ଼େଇଟିଏ ଗଛର ପତ୍ର-ଗହଳରେ ଲୁଚି ବସି ସେମାନଙ୍କର ସବୁ କଥା ଶୁଣୁଥାଏ । ପଶୁମାନଙ୍କର ବିଚାର ଶୁଣି ସେ ଯାଇ ଚଢ଼େଇ ରାଜାଙ୍କୁ ସବୁ କହିବ । ପଶୁମାନେ ବହୁତ ସମୟ କଥାବାର୍ତ୍ତା କରି ମଧ୍ୟ କୌଣସି ନିଷ୍ପତ୍ତିରେ ପହଞ୍ଚିପାରୁ ନ ଥାନ୍ତି ।

Digitized by srujanika@gmail.com

ଶେଷରେ ଭାଲୁ କହିଲା, "କୋକିଶିଆଳ ତ ସବୁଠୁ ବେଶି ସିଆଣିଆ । ଆସ, ସମସ୍ତେ ତାର କଥା ଅନୁସାରେ କାମକରିବା ।" କୋକିଶିଆଳ ଏ କଥା ଶୁଣି ମନେ ମନେ ଭାରି ଖୁସି ହୋଇଗଲା । ଗର୍ବରେ ତା ଛାତିଟା ଫୁଲିଉଠିଲା । ସେ କହିଲା ଠିକ୍ ଅଛି, ମୁଁ ଯୁଦ୍ଧ ଚଳେଇବି । ତମେ ସମସ୍ତେ ମୋର ଝାମ୍ପୁରା ଲାଞ୍ଜକୁ ଲକ୍ଷ୍ୟ ରଖିଥିବ । ମୁଁ ମୋର ଲାଞ୍ଜକୁ ସିଧା ପତାକା ପରି ଉପରକୁ ଟେକି ରଖିଥିବି । ଯେତେବେଳଯାଏ ଦୁଇ ପକ୍ଷର ଯୁଦ୍ଧ ଚାଲିଥିବ ଓ ଆମପଟର ଜୟ ହେଉଥିବ, ସେ ପର୍ଯ୍ୟନ୍ତ ଦେଖୁଥିବ ଯେ ମୋର ଲାଞ୍ଜ ସିଧା ଉପରକୁ ରହିଛି । ଯେମିତି ଦେଖିବ ମୋ ଲାଞ୍ଜ ଆଉ ଉପରକୁ ଦିଶୁନି, ତଳକୁ ଖସିପଡୁଛି, ଜାଣିବ ଯେ ଆମେ ହାରିଗଲେ । ସେଇଠୁ ତୁମେ ସବୁ ଯେ ଯୁଆଡେ ପାରିବ ପଳାଇଯିବ । ତମେ ଜାଣିବ ଯେ ଯୁଦ୍ଧ ଏଥର ବନ୍ଦ କରିବାକୁ ହେବ ।

ସବୁ ଶୁଣି ଟିକି ଚଢ଼େଇଟି ଫୁର୍ କରି ଉଡ଼ିଗଲା ।

ବର୍ତ୍ତମାନ ଦୁଇ ପକ୍ଷଯାକ ଚଢ଼େଇ ଓ ପଶୁମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲେ । ସିଂହର ଗର୍ଜନ, ଭାଲୁର ଗର୍ଜନ, ଗଧିଆର ଗର୍ଜନ, ମାଙ୍କଡ଼ମାନଙ୍କ ଚିଁ ଚାଁ ଓ ଅନ୍ୟ ସବୁ ପଶୁଙ୍କ ଚିତ୍କାରରେ ଭୂଇଁ ଥରି-ଯାଉଥାଏ । ତା ପରେ ଚଢ଼େଇମାନେ ଆକାଶରୁ ଉଡ଼ି ଆସି ପହଞ୍ଚିଗଲେ । ପଶୁ ଓ ପକ୍ଷୀମାନେ ଏତେ ଜୋରରେ ଚିତ୍କାର କରୁଥାନ୍ତି ଯେ, ଏପରି ଶବ୍ଦ ଆଉ ପୃଥିବୀରେ କେବେ ବି ଶୁଣା ନ ଥିଲା ।

ଯେଉଁ ଟିକି ଚଢ଼େଇ ପଶୁମାନଙ୍କର ସବୁ କଥା ଶୁଣିଥିଲା, ସେ ଯାଇ ମହୁମାଛିକୁ କହିଲା, "ଦେଖିଲୁ, କୋକିଶିଆଳ କେମିତି ତା ଲାଞ୍ଜକୁ ଟେକିରଖିଛି ?" ମହୁମାଛି କହିଲା, "ହଉ, ହଉ, ତା କଥା ମତେ ଲାଗିଲା । ଦେଖିବା, ସେ କେତେବେଳଯାଏ ତା ଲାଞ୍ଜ ଟେକି ରଖିବ । ତା ଚାଲାକି ମୁଁ ଛଡ଼ାଇ ଦେଉଛି ।"

Digitized by srujanika@gmail.com

ସେଇଠୁ ମହୁମାଛି ଯୁଦ୍ଧ ଆରମ୍ଭ ହେବାଯାଏ ଅପେକ୍ଷା କଲା । ଯେମିତି ଯୁଦ୍ଧ ଶୁରୁଆତ୍ ଲାଗି ଆସିଛି ମହୁମାଛି ଚୁଟ୍ କରି କୋକିଶିଆଳି ପାଖକୁ ଯାଇ ତାର ସବୁଠାରୁ କଳ ଲଗେଇ କୋକିଶିଆଳିର ଲାଞ୍ଜକୁ ବାନ୍ଧିଲା । ମହୁମାଛି ବାନ୍ଧିବାରୁ କୋକିଶିଆଳିକୁ ଏତେ କଷ୍ଟ ହେଲା ଯେ, ସେ ଯନ୍ତ୍ରଣାରେ ପାଟି କରି ଉଠିଲା । ତେବେ ବି ସେ ତା ଲାଞ୍ଜକୁ ଉପରକୁ ଟେକି ରଖିଥାଏ । ପୁଣି ଥରେ ମହୁମାଛି ତା ଲାଞ୍ଜକୁ ଯାଇ ବାନ୍ଧିଲା । ଏଥର ଯନ୍ତ୍ରଣାରେ କୋକିଶିଆଳି ଆଖିରୁ ଲୁହ ଝରିପଡ଼ିଲା । ତଥାପି ସେ ଲାଞ୍ଜ ତଳକୁ ଖସାଇଲା ନାହିଁ । ମହୁମାଛି ଆଉ ଥରେ ତାର ଯେତେ ଜୋର ଅଛି ସବୁ ଜୋର ଲଗାଇ ବାନ୍ଧିଲା । କୋକିଶିଆଳି ଏଥର ଆଉ ସମ୍ଭାଳି ପାରିଲା ନାହିଁ । ସେ ପ୍ରାଣବିକଳରେ ତା ଲାଞ୍ଜକୁ ଦୁଇ ଗୋଡ଼ ସନ୍ଧିରେ ପୂରାଇ ଯନ୍ତ୍ରଣାରେ ଛଟପଟ ହୋଇ ଯୁଦ୍ଧ ସ୍ଥାନରୁ ପଳାଇଗଲା । ପଶୁମାନେ ଯେମିତି ଦେଖିଲେ ଯେ କୋକିଶିଆଳିର ଲାଞ୍ଜ ତଳକୁ ଖସିଗଲାଣି, ସେମାନେ ଭାବିଲେ ଯେ ସେମାନେ ବୋଧେ ଯୁଦ୍ଧରେ ହାରିଗଲେ । ତେଣୁ ସେମାନେ ଯେ ଯୁଆଡ଼େ ପାରିଲେ, ନିଜ ପ୍ରାଣ ବଞ୍ଚାଇ ପଳାଇଗଲେ ।

ଚଢ଼େଇମାନେ ଯୁଦ୍ଧରେ ଜିତିଲେ । ଚଢ଼େଇ ରାଜା ଫୁଲଚୁଇଁ ଯାଇ ପୁଣି ଭାଲୁକୁ ଡାକି କହିଲା, "ଭାଲୁ ଭାଇ, ଏଥର ଗାତରୁ ବାହାରି ମୋ ପିଲାମାନଙ୍କ ପାଖରେ କ୍ଷମା ମାଗି ଆସ ।" ଭାଲୁ ବିଚରା ଏବେ କରେ କ'ଣ ? ତଳକୁ ମୁହଁ ପୋତି ପୋତି ଯାଇ ରାଜାପୁଅମାନଙ୍କୁ କ୍ଷମା ମାଗିଲା । ସେ କହିଲା, "ମୁଁ ଜାଣିଲି ଯେ ତମେମାନେ ପ୍ରକୃତରେ ରାଜାପୁଅ ।"

ଜାଣିଲ ପିଲେ, ସବୁବେଳେ ବୁଦ୍ଧିର ଜୟ । ବଳର ସବୁବେଳେ ଜୟ ହୁଏ ନାହିଁ ।

Digitized by srujanika@gmail.com

ବିଲେଇର ଲହୁଣୀଖିଆ

ଥରେ ଗୋଟିଏ ବିଲେଇ ଓ ଗୋଟିଏ ମୂଷା ସଙ୍ଗାତ ବଦିଲେ । ସେମାନେ ଏତେ ସାଙ୍ଗ ହୋଇଗଲେ ଯେ ଏକାଠି ସେମାନେ ଗୋଟାଏ ଘରେ ରହିଲେ । ଦୁଇଜଣଯାକ ଯାହା କରନ୍ତି ଏକାଠି କରନ୍ତି । ଦିନେ ମୂଷା ବିଲେଇକୁ କହିଲା, "ଶୀତଦିନ ଆସିଲେ ତ ଆମେ ହଇରାଣ ହେବା । ଚାଲ, ଆଜିଠାରୁ ଆମ ଖାଇବା ଜିନିଷ ଖୋଜି ସାଇତି କରି ରଖିବା ।" ବିଲେଇ କହିଲା, "ସତ କହିଲୁ, ଚାଲ ଆଜି ଯିବା, ଦେଖିବା କଣ ମିଳୁଛି ?" ଦୁହେଁ ଗଲେ । ଅଳ୍ପ ବାଟ ଯାଇଛନ୍ତି ଦେଖିଲେ ଗୋଟାଏ ବଡ଼ ବୋତଲରେ ବଢ଼ିଆ ମିଠା ଲହୁଣୀ ପୂର୍ଣ୍ଣ ହୋଇ ବାଟ କଡ଼ରେ ପଡ଼ିଛି । ବିଲେଇ ତାକୁ ଦେଖି ଭାରି ଖୁସି ହୋଇଗଲା । ସେ କହିଲା, "ଏ ବଢ଼ିଆ ଲହୁଣୀ ଶୀତ ଦିନ ଆସିଗଲେ ଅଣ୍ଡାରେ ଭାରି ଭଲ ଲାଗିବ ।" ମୂଷା କହିଲା, "ହଁ ସତ କହିଲୁ । କିନ୍ତୁ ଏତେଦିନ ଯାଏ ଏଇଟାକୁ ରଖିବା କେଉଁଠି ?" ବିଲେଇ ଟିକିଏ ଭାବିଲା । ତା ପରେ କହିଲା, "ଝରଣା କୂଳରେ

Digitized by srujanika@gmail.com

ଗୋଟିଏ ଗଛରେ କୋରଡ଼ ଅଛି । ଚାଲ, ତାର ଭିତରେ ଏହାକୁ ଲୁଚାଇ ରଖି-ଦେବା, କେହି ଦେଖିବେ ନାହିଁ । ଅନ୍ଧାରିଆ ଜାଗାରେ ଭଲ ବି ରହିବ । କିଏ କାହିଁକି ଜାଣିବ ଯେ ଆମେ ଗଛ କୋରଡ଼ରେ ଲହୁଣୀ ବୋତଲ ରଖିଛୁ ବୋଲି ?" ମୂଷା କହିଲା, "ସତରେ ତୁ ଭାରି ସୁନ୍ଦର ଜାଗାଟିଏ ବାଛିଛୁ । ତୁ କେଡ଼େ ବୁଦ୍ଧିଆ ସତେ ?"

ସେଇଠୁ ସେ ଗଛ କୋରଡ଼ରେ ଲହୁଣୀ ବୋତଲକୁ ରଖିଦେଇ ବୁଢ଼ୀହିଁଯାକ ଘରକୁ ଫେରିଲେ । ଦି ସାଙ୍ଗ ଖୁସିରେ ଥା'ନ୍ତି । କିନ୍ତୁ ଓଲେଇ ବିଲେଇ ମନ ଯାଇ ସବୁବେଳେ ସେଇ ଲହୁଣୀ ବୋତଲ ପାଖରେ ଲାଖିଥାଏ । ସେ ମନେ ମନେ ଭାବୁଥାଏ, "ଲହୁଣୀତକ ଖାଇଲେ କେଡ଼େ ବଢ଼ିଆ ଲାଗନ୍ତା ! ମୁଁ ଟିକେ ସେଥିରୁ ଚାଖନ୍ତି କି ?" ସବୁବେଳେ ସେ ଏଇ କଥା ଭାବୁଥାଏ । ଶେଷରେ ଦିନେ ଆଉ ସମ୍ଭାଳି ନ ପାରି ସେ ଗୋଟାଏ ଉପାୟ ସ୍ଥିର କଲା । ସେ ମୂଷିକୁ କହିଲା, ଯେମିତି ମୂଷା ତାକୁ ଅବିଶ୍ୱାସ କରିବନି, "ମୂଷି ଲୋ, ଆଜି ମୋ ଭଉଣୀର ବାହାଘର ହେବ ବୋଲି ଖବର ଆସିଛି । ସେମାନେ ମୋତେ ନିମନ୍ତ୍ରଣ କରିଛନ୍ତି । ତୁ ଟିକେ ଘର ଜଗି ରହନ୍ତୁ କି, ମୁଁ ଯାଇ ବୁଲିପଡ଼ି ଆସନ୍ତି । ଏଇ ଯିବି ଆଉ ଆସିବି । ଜମା ବେଶିଦିନ ଡେରି କରିବି ନାହିଁ ।" ମୂଷିଟି ଭାରି ସରଳ । ସେ କହିଲା, "ହଉ ଯିବୁ ତ ଯାଆ ।" ବିଲେଇ ଝଟ୍ ବାହାରିଗଲା । କିନ୍ତୁ ସେ ବାହାଘରକୁ ଗଲା ନାହିଁ । ସତରେ କ'ଣ ବାହାଘର ହେଉଛି ଯେ ଯିବ ? ସେ ତ ଲହୁଣୀ ଲୋଭରେ ଏତକ ମନଗଢ଼ା କଥା ପାନ୍ଧିଛି । ସେ ସେଇଠୁ ସିଧା ଯାଇ ଲହୁଣୀ ବୋତଲ ପାଖରେ ପହଞ୍ଚିଗଲା । ବୋତଲକୁ ଗଛ କୋରଡ଼ରୁ କାଢ଼ି ବେଶ୍ କିଛି ଲହୁଣୀ ଚାଟି ଚାଟି, ଚାଖି ଚାଖି ଖାଇଲା । ଏମିତି ଖାଉ ଖାଉ ସେ ବୋତଲ ଉପରୁ କିଛି ଖାଇଦେଲା । ତାପରେ ପୁଣି ବୋତଲ ମୁହଁ ବନ୍ଦ୍ କରି କୋରଡ଼ରେ ରଖିଦେଇ ଘରକୁ ଫେରିଲା ।

Digitized by srujanika@gmail.com

ମୂଷା, ବଳେଇର ବାଟ ଗୁହିଁ ବସିଛି । ସେ ବା ଏତେ ଫନ୍ଦି ଫିକର କଥା ଜାଣିବ କେମିତ ? ବଳେଇକୁ ଫେରିବା ଦେଖି ସେ ଭାରି ଆଶ୍ଚର୍ଯ୍ୟ ହୋଇ ଗଲା । କହିଲା, ତୁ କ'ଣ ଏତେଶୀଘ୍ର ଫେରି ଆସିଲୁ ? ବାହାଘର କ'ଣ ଏତେ ଚଟ୍‌ପଟ୍ ହୋଇଗଲା ? ତୋ ଭଉଣୀର ବାହାଘର ଜାକଜମକରେ ହେଲା ନା ନାହିଁ ମ ?" ଚତୁରୀ ବଳେଇ କହିଲା, "ହଁ ସତରେ ଭାରି ଭଲରେ ବାହାଘର ହେଲା । ବହୁତ ଖିଆପିଆ, ଧୂମଧାମରେ ସରିଲା ।" ସେଇଠୁ ମୂଷି ପଚାରିଲା "ହଇଲୋ ବଳେଇ ନାନୀ, ତୋ ଭଉଣୀ ନାଁ କ'ଣ କି ?" ବଳେଇ କହିଲା, ତା ନାଁ "ଉପର ଖାଲି" । ମୂଷି କହିଲା "କି ନାଁ କହିଲୁ ? ଉପର ଖାଲି ? ସେ ପୁଣି କେମିତିଆ ନାଁ ମ ? ଭାରି ଅଦ୍ଭୁତ ଶୁଭୁଛି ।"

ତା ପରେ କିଛିଦିନ ଦୁଇ ବନ୍ଧୁ ଖୁସିରେ ରହିଲେ । ହେଲେ ବଳେଇ ମନ କି ସମାଳି ହୁଏ । କିଛିଦିନ ପରେ ତାର ଲହୁଣୀ ଖାଇବାର ଇଚ୍ଛା ପ୍ରବଳ ହେଲା । ଯେତେ ଚେଷ୍ଟା କଲେ ବି ମନକୁ ବୁଝାଇ ହେଉ ନ ଥାଏ । ସେ ଖାଲି ମନେ ମନେ ଲହୁଣୀର ସୁଆଦିଆ, ମିଠା ସ୍ୱାଦ କଥା ଭାବୁଥାଏ । ଥରେ ତ ଖାଇଛି ଯାଇ । ଭାବୁଥାଏ ଆଉଥରେ ଖାଇ ଆସନ୍ତେ କେମିତି ହୁଅନ୍ତା । ମୂଷି ତ କିଛି ବୁଝିପାରିବ ନାହିଁ । ତା ପାଇଁ ରଖି ଖାଇଦେଇ ଆସିବ । ଏମିତି ଭାବି ଭାବି ମୂଷିକୁ କହିଲା "ମୂଷି ଲୋ, ଆଜି ମୋର ଆଉ ଗୋଟିଏ ଭଉଣୀର ବାହାଘର । ମୋତେ ନିମନ୍ତ୍ରଣ କରିଛନ୍ତି । ମୋତେ ତ ଯିବାକୁ ହେବ । ତୁ ଯଦି ରାଜି ହୁଅନ୍ତୁ ଏକା ରହିବାକୁ ମୁଁ ଟିକେ ଯାଇ ବୁଲି ଆସନ୍ତି । ଏଇ ଯିବି ଆଉ ଆସିବି ।"

ମୂଷି ବା ଅରାଜି ହେବ କେମିତି ? ଭଉଣୀର ବାହାଘର ଆଉ ସେ ନ ଯିବ କେମିତି ? ସେଇଠୁ ମୂଷି ଘର ଜଗି ରହିଲା ବଳେଇ ବାହାଘରକୁ ଗଲା । ବଳେଇ ଚଟ୍‌ପଟ୍ ଯାଇ ଗଛ କୋରଡ଼ରୁ ବୋତଲ କାଢ଼ି ମନଇଚ୍ଛା

Digitized by srujanika@gmail.com

ଲହୁଣୀ ଖାଇଲା । ବେଙ୍ଗ କୁଆଡ଼େ ଯାଇଁ, ଏକା ଏକା ବସି ଖାଇ ଖାଇ ବୋତଲରୁ ଅଧା ଶେଷ କରିଦେଲା । ତା ପରେ ବୋତଲକୁ ପୁଣି କୋରଡ଼ରେ ରଖିଦେଇ ଘରକୁ ଫେରିଲା । ମୂଷା ଏକାକୀ ବେଙ୍ଗକୁ ଅପେକ୍ଷା କରି ବସିଛି । ବେଙ୍ଗ ଫେରିବାରୁ ମୂଷା ପଚାରିଲା "ହଇରେ, କ'ଣ ଏତେଶୀଘ୍ର ଫେରି-ଆସିଲୁ ? ତୋ ଭଉଣୀ ବାହାଘର ଭଲରେ ଭଲରେ ହେଲା ତ ?" ବେଙ୍ଗ କହିଲା "ହଁ ଲୋ, ଖୁବ୍ ଭଲରେ ହେଲା । ମୂଷା ପଚାରିଲା, "ତୋର ଏଇ ଭଉଣୀ ନାଁ କ'ଣ ଲୋ ବେଙ୍ଗଭାଇ ?" ବେଙ୍ଗ କହିଲା, "ତା ନାଁ 'ଅଧାଶେଷ' ।" ମୂଷା ଆଶ୍ଚର୍ଯ୍ୟ ହୋଇଗଲା ନାଁ ଶୁଣି । ଏମିତିଆ ଅଖାଡ଼ୁଆ ନାଁ ସେ ଆଗରୁ କେବେ ଶୁଣି ନ ଥିଲା । ସେ କହିଲା, "ଏ କି ନାଁ ମ ? ମୁଁ ତ ଏମିତିକା ନାଁ ଜମାରୁ ଶୁଣିନି ।" ବେଙ୍ଗ କହିଲା "ଜାହିଁକି, ଏ ନାଁ ତ ଖୁବ୍ ଭଲ ଶୁଭୁଛି । ଛାଡ଼, ସେ ତ ବାହା ହୋଇଗଲାଣି, ତା କଥା ମୋତେ ଆଉ ପଚାର ନା ।"

ପୁଣି କିଛି ଦିନ ଗଲା । ଦିହେଁ ଖୁସିରେ ଥାନ୍ତି । ମୂଷା ବେଙ୍ଗର କିଛି ଜାଣେନି । କିନ୍ତୁ ବେଙ୍ଗର ମୁହଁରେ ତ ଲହୁଣୀ ଲାଗିଛି । ସେ ଦୁଇ ଦୁଇ ଥର ଯାଇ ଖାଇ ଆସିଲାଣି । କିଛିଦିନ ଯିବାରୁ ତା ମନ ପୁଣି ଲହୁଣୀ ଖାଇବାକୁ ଛଟପଟ ହେଲା । ଶୀତଦିନ ଆସିବାକୁ ବହୁତ ଦିନ ଅଛି, ସେଥିରେ ପୁଣି ମୂଷାକୁ ଭାଗ ଦେବାକୁ ପଡ଼ିବ । ସେଥିପାଇଁ ଅପେକ୍ଷା କରି ରହିବାକୁ ତାର ତର ସହୁ ନ ଥାଏ । ସେ ଭାବୁଥାଏ ଏଇ ଥରକ ଯାଇ ଖାଇବ ଆଉ ଖାଇବାକୁ ଯିବନି । ବେଙ୍ଗର ମନ ତ, "କରେ କ'ଣ ? ଏମିତି ଭାବି ଦିନେ ପୁଣି ବାହାରିଲା । ଜାଣେ ମୂଷା ସନ୍ଦେହ କରିବ ସେଥିପାଇଁ ତାକୁ ଡାକି କହିଲା "ମୂଷା ଲୋ,

Digitized by srujanika@gmail.com

ଆଜି ମୋର ସବା ସାନ ଭଉଣୀର ବାହାଘର । ଖବର ଆସିଛି । ଜାଣିଛି ଏଇ ଭଉଣୀଟି ଆମର ସବୁଠୁଁ ସୁନ୍ଦର, ଗୁଲୁଗୁଲିଆ, ଶକ୍ତ ବାଲି ବାଲେଇଟିଏ । ମୁଁ ଟିକେ ଯାଆନ୍ତି । ଦୁଇ ଦୁଇ ଥର ଗଲିଣି, ତୁ ଘର ଜଗି ବସୁଛୁ । ତୁ ଭାରେ ମନ କଷ୍ଟ କରିବୁ, ସେଥିପାଇଁ ମୁଁ କହୁ ନ ଥିଲି । ହେଲେ ସବା ସାନ ଭଉଣୀ, ନ ଗଲେ ଭାରି ମନଦୁଃଖ କରିବ ।"

ମୂଷା କହିଲା "ଜାଇଁ, ଜାଇଁ ଯେତୁକ କେମିତି, ତୋ ସାନ ଭଉଣୀଟି ସେ । ତୁ ଯା, ମୁଁ ଘର ଜଗି ଅଛି । ହେଲେ ତୋ ଭଉଣୀମାନଙ୍କର କେମିତିକା ବେଢ଼ଙ୍ଗିଆ ନାଁ, 'ଉପରଖାଇ', 'ଅଧାଶେଷ', ଏମିତିଆ ନାଁ ଛ ମୁଁ ଜୀବନରେ ଶୁଣିନି ।" ଏ କଥା ଶୁଣି ବାଲେଇ ଟିକିଏ ଲାଜେଇଗଲା, କହିଲା, "ମୋ ଭଉଣୀମାନଙ୍କର ଯେମିତିଆ ନାଁ ହେଲା ତୋର କ'ଣ ଗଲା ? ତୋ ମୁଣ୍ଡ କାହିଁକି ବାଜୁଛି ? ତୁ ଘର ଜଗି ଥା, ଆଉ ତୋର ସୁନ୍ଦର ବେହେରା ଆଉ ସବୁ, ଲମ୍ବା ଲମ୍ବା କଥା ବସି ଭାବୁ ଥା । ମୋର ବେଳ ହେଲାଣି ମୁଁ ଏଥର ଯାଏଁ ।"

ଏଇଆ କହି ବାଲେଇ ଯାଇ ଗଛ ପାଖରେ ପହଞ୍ଚିଲା । ଲହୁଣୀ ବୋତଲ ଭାଙ୍ଗି ଖାଇବାରେ ଲାଗିଗଲା । ଏକା ବସି ଖାଇ ଖାଇ ସବୁ ଶେଷ କରିଦେଲା । ଏବେ କରିବ କ'ଣ ? ସେଇଠୁ ଖାଲି ବୋତଲକୁ ପୁଣି କୋରଡ଼ ଭିତରେ ରଖିଦେଇ ଘରକୁ ଫେରିଲା । ମନ ଭାରି ଖୁସି । ମୂଷା ତାକୁ ଦେଖି କହିଲା "ଜଣ ଭଉଣୀ ବାହାଘର ଏତେଶୀଘ୍ର ସରିଗଲା ? ଭଲରେ ଭଲରେ ସବୁ ହେଲା ତ ?" ସେ ବା କାହୁଁ ବାଲେଇର ଫନ୍ଦିର ଜାଣିବ ? ବାଲେଇ କହିଲା "ହଁ ଭାରି ଭଲରେ ବାହାଘର ହେଲା । ସବୁଠୁ ସାନ ଭଉଣୀ ନା,

Digitized by srujanika@gmail.com

ସେଥିପାଇଁ ବଡ଼ ଜାକଜମକରେ ବାହାଘର ହେଲା । ବଢ଼ିଆ ଭୋଜି ହୋଇଥିଲା । କେତେ ଯେ ସବୁ ଆସି ଖାଇଲେ, ମୁଁ ତ ସେଠି ପହଞ୍ଚି ଖାଲି ତୋର କଥା ଭାବୁଥିଲି । ତୁ ଯାଇଥାନ୍ତୁ କି ଭାରି ମଜା ହୋଇଥାନ୍ତା । ହେଲେ ତୁ ତ ଘର ଜଗି ରହିଲୁ, ସେ କଥା ଭାବି ମୁଁ ମନ ମାରି ରହିଲି ।" ମୂଷି ପଚାରିଲା "ତୋର ଏଇ ଭଉଣୀଟିର ନାଁ କ'ଣ ? ତୋ ଭଉଣୀମାନଙ୍କର ତ ଭାରି ମଜା ନାଁ ।" ବିଲେଇ କହିଲା ଏ ଭଉଣୀଟି ଦିନା ଭାରି ସୁନ୍ଦରୀ, ହେଲେ ତା ନାଁ ତୋତେ ଜମା ଭଲ ଲାଗିବ ନାହିଁ । ତା ନାଁ ହେଉଛି "ସବୁଶେଷ" । ମୂଷି କହିଲା "ସବୁଶେଷ" । ଏ ପୁଣି କେମିତିକା ନାଁ ମ ? ଏ ନାଁ ତ ସବୁଠାରୁ ଅଖାଡ଼ୁଆ । "ସବୁଶେଷ" ଆ ମାନେ ପୁଣି କ'ଣ ? ସବୁଠୁଁ ସୁନ୍ଦର ଝିଅର ଏମିତି ନାଁ !" ଏଇଆ ମନେ ମନେ ଭାବି ସେ ଶୋଇବାକୁ ଗଲା । ତାକୁ କେମିତି ଅଡ଼ୁଆ ଅଡ଼ୁଆ ଲାଗିଲା ।

ତା ପରେ କିଛି ଦିନ ଗଲା । ଶୀତଦିନ ଆସିଲା । ଶୀତରେ ଆଉ ଘରୁ ବାହାରି ହେଲାନି । ଘରେ ବି କିଛି ଖାଇବାକୁ ନ ଥାଏ । ସେଇଠୁ ମୂଷିର ଲହୁଣୀ ବୋତଲ କଥା ମନେ ପଡ଼ିଲା । ସେ ବିଲେଇକି ଡାକି କହିଲା "ଚାଲ, ଆଜି ଯିବା । ଆମ ଲହୁଣୀ ବୋତଲକୁ ଆଣିବା । ତୋର ବୋଧେ ସେ କଥା ମନେ ନାହିଁ । ଏ ଶୀତରେ ଖାଇବାକୁ ଭାରି ଭଲ ଲାଗିବ ।" ବିଲେଇ କହିଲା "ହଁ, ସତରେ ଭାରି ଭଲ ଲାଗିବ; ହେଲେ କେହି ଖାଇ ନ ଥିଲେ ହେଲା । କେବେଠୁଁ ତ ରଖିଲେଣି, ଥରେ ହେଲେ ଯାଇ ଦେଖି ଆସିଥାନ୍ତେ କେମିତି ଅଛି, କିଏ ଖାଇଲା କି ନାହିଁ ।" ଏମିତି କଥା ହୋଇ ଦି ଜଣଯାକ ଗଛପାଖକୁ

Digitized by srujanika@gmail.com

ଗଲେ । ମୂଷି ଆଗେ ଆଗେ, ବିଲେଇ ତା ପଛେ ପଛେ ଚାଲିଥାଏ । ମୂଷି କୋରଡ଼ ପାଖରେ ପହଞ୍ଚି ତା ଭିତରକୁ ଚାହିଁଲା । ସେ ସିନା ଭାବୁଛି ବୋତଲରେ ଲହୁଣି ଅଛି । ଲହୁଣି ନା ଫହୁଣି, କିଛି ନାହିଁ । ମୂଷା ସାଙ୍ଗେ ସାଙ୍ଗେ ବିଲେଇର ଚାଲାକି, 'ଭଉଣୀର ବାହାଘର' କଥା ବୁଝିପାରିଲା । ସେ କହିଲା, "ହଇଲୋ ବିଲେଇ, ତୁ ତ ତୋ ତିନି ଭଉଣୀଙ୍କ ନାଁରେ ଏ ଲହୁଣୀପାକ ଖାଇଛୁ । କ'ଣ ନା 'ଉପରଖାଇ', 'ଅଧାଶେଷ', 'ସବୁଶେଷ' । ତୁ ତ ଭାରି ଚାଲାକି ଦେଖେଇ ହଉଥିଲୁ ।"

ଏ କଥା ଶୁଣି ବିଲେଇ ବଡ଼ ଖପା ହୋଇଗଲା । କହିଲା, "ତୁ ଯଦି ଆଉ ପଦେ କଥା କହୁ ମୁଁ ତତେ ଟାକୁକିନା ଖାଇଦେବି ।" ମୂଷି କହିଲା, "ହଁ, ହଁ, କହିବି, ହଜାର ଥର କହିବି । ଓଲେଇ ବିଲେଇ !" ବିଲେଇ ମୂଷାକୁ ଧରିବ ବୋଲି ଗୋଡ଼େଇ ଗଲା । କିନ୍ତୁ ମୂଷି ସାଙ୍ଗେ ସାଙ୍ଗେ ଗଛକୋରଡ଼ ଭିତରକୁ ଡେଇଁ ପଡ଼ିଲା । ବିଲେଇ ଯେତେ ଚେଷ୍ଟା କଲେ ବି ଗଛର ଛୋଟ କୋରଡ଼ ମୁହଁ ଭିତରକୁ ପଶିପାରିଲା ନାହିଁ ।

ସେଇଦିନଠାରୁ ବିଲେଇ ଆଉ ମୂଷିମାନେ କେବେ ସାଙ୍ଗ ହୁଅନ୍ତି ନାହିଁ ।

———

Digitized by srujanika@gmail.com

ଗଧିଆ ଓ ଛେଳିଛୁଆ

ଗୋଟିଏ ବୁଢ଼ୀ ଛେଳି ଥାଏ ଯେ, ତାର ସାତଟା ସାନ ସାନ ଛୁଆ । ସେ ତା ଛୁଆମାନଙ୍କୁ, ମଣିଷ ତାଙ୍କ ପୁଅମାନଙ୍କୁ ଭଲପାଇବାଠାରୁ ବି ବେଶୀ ଭଲ ପାଏ । ଦିନେ ସେ ବଣକୁ ଗଲା ଛୁଆମାନଙ୍କ ପାଇଁ ଖାଇବା ଆଣିବାକୁ । ଛୁଆ ସାତିଜଣଯାକଙ୍କୁ ପାଖକୁ ଡାକିଲା । ସେମାନେ ତା ଚାରିପାଖରେ ଘେରିଗଲେ ।

ସେ କହିଲା "ପିଲାଏ ମୁଁ ବଣକୁ ତମ ପାଇଁ ଖାଇବା ଆଣିବାକୁ ଯାଉଛି । ମୁଁ ନ ଥିଲାବେଳେ ତମେ କେବେହେଲେ ଘରର ଦାଣ୍ଡ କବାଟ ଖୋଲିବନି । କବାଟ ଭିତରୁ ବନ୍ଧ କରି ଘର ଭିତରେ ଖେଳୁଥିବ । ମୁଁ ନ ଥିଲା-ବେଳେ ସେ ପାଜି ଗଧିଆ ତା ବେଶ ବଦଳେଇ ଆସି ତମକୁ କବାଟ ଖୋଲିବାକୁ କହିପାରେ । ତମେ ଯଦି କବାଟ ଖୋଲିଦେବ, ତେବେ ସେ ସମସ୍ତଙ୍କୁ ଖାଇଯିବ । ତମେ ତାକୁ ଜମା କବାଟ ଖୋଲିବ ନାହିଁ । ସେ ବେଶ ବଦଳେଇଲେ ବି ତା ଘଡ଼ଘଡ଼ିଆ ସ୍ୱର ଶୁଣି ଆଉ କଳାଗୋଡ଼ରୁ ଦେଖି ତମେ ତାକୁ ଜାଣିପାରିବ ।"

Digitized by srujanika@gmail.com

ସେଇଠୁ ତା ପିଲାମାନେ କହିଲେ, "ତୁ ମିଛରେ ଆମ ପାଇଁ ବ୍ୟସ୍ତ ହେଉଛୁ। ତୁ ଯା, ଆମେ ଠିକ୍ କବାଟ ବନ୍ଦ କରି ଭିତରେ ରହିବୁ। ସେ ଦୁଷ୍ଟ ଗଧିଆ ଆସିଲେ ଜମା କବାଟ ଖୋଲିବୁନି, ଆମେ କ'ଣ ଏତେ ବୋକା ହୋଇଛୁ ?" ବୁଢ଼ୀ ଛେଳି ପିଲାଙ୍କ କଥା ଶୁଣି ଆଉ କିଛି ନ ଭାବି, ଖୁସିରେ ବଣକୁ ଗଲା।

ଛେଳି ଛୁଆମାନେ ଭିତରେ ଥା'ନ୍ତି। ଗଧିଆ ତ ଘର ପାଖରେ ଛକି, ଲୁଚି ବସିଥାଏ। ଯେମିତି ବୁଢ଼ୀ ଯାଇଛି, ଟିକିଏ ବେଳ ପରେ ଆସି ଛେଳି-ଘର କବାଟ ବାଡ଼େଇଲା। ପାଟିକରି ଡାକିଲା "ଆରେ ପିଲାଏ, କବାଟ ଖୋଲରେ, ତମ ମା ଫେରି ଆସିଲାଣି। ତମ ସମସ୍ତଙ୍କ ପାଇଁ ଖାଇବା ଜିନିଷ ନେଇ ଆସିଛି।"

କିନ୍ତୁ ଛେଳିଛୁଆଯାକ ତା ଘଡ଼ଘଡ଼ିଆ ସ୍ୱରରୁ ବୁଝିପାରିଲେ ଯେ ସେ ଗଧିଆ, ତାଙ୍କ ମାଆ ନୁହେଁ। ସେମାନେ କହିଲେ "ତୁ ଜମା ଆମ ମା ନୁହଁ। ଆମ ମା କଥା ତ କେତେ ସରୁ ଆଉ ମିଠା। ତୋର କଥା ତ ଘଡ଼ଘଡ଼ି ଭଳି ଶୁଭୁଛି। ତୁ ଗଧିଆ, ଆମ ମା ବେଶରେ ଆସିଛୁ।"

ଏ କଥା ଶୁଣି ଗଧିଆ ବିଚରା କରେ କ'ଣ ! ସେ ସେଇଠୁ ଦୋକାନକୁ ଯାଇ ପୁଳାଏ ଚକଖଡ଼ି କିଣି ତାକୁ ସବୁ ଖାଇଲା। ତା କଥା ସେଇଠୁ ଟିକେ ନରମ ହେଲା। ସେ ପୁଣି ଯାଇ ଛେଳିଘର କବାଟ ଠକ୍ ଠକ୍ କରି ଡାକିଲା "ପିଲାଏ କବାଟ ଖୋଲ, ତମ ମା ବଣରୁ ଫେରିଲାଣି। ତମ ପାଇଁ ଖାଇବାକୁ ଆଣିଛି।"

ଗଧିଆ କିନ୍ତୁ ତା କଳା କଳା ଆଗ ଗୋଡ଼ ଦୁଇଟାକୁ ଟେକି ଝରକା ଉପରେ ରଖିଥାଏ। ପିଲାମାନେ ତା କଳା ଗୋଡ଼କୁ ଦେଖି କହିଲେ "ନା, ନା,

Digitized by srujanika@gmail.com

ତୁ ଜମା ଆମ ମା ନୁହଁ । ଆମ ମାର ତ ଗୋଡ଼ କଳା ନୁହେଁ, ଧଳା । ତୁ ତେବେ ଗଧିଆ । ଆମେ କବାଟ ଖୋଲିବୁ ନାହିଁ ।”

ଗଧିଆ ଏଥର ଆଉ କ’ଣ କରିବ । ପୁଣି ବଜାରକୁ ଦୌଡ଼ିଲା । ବଜାରରେ ଯାଇ ରୁଟିବାଲାକୁ କହିଲା “ରୁଟିବାଲା, ମୋ ଗୋଡ଼ରେ ଘା ହୋଇଛି ଟିକେ ମଇଦା ବୋଳିଦେଲୁ । ରୁଟିବାଲା ପ୍ରଥମେ ମନା କଲା । ତାପରେ ଗଧିଆ ଧମକେଇବାରୁ ସେ ତା’ ଗୋଡ଼ରେ ମଇଦା ଲଗେଇଦେଲା । ସେ ତା’ ପରେ ଯାଇଁ ରଙ୍ଗବାଲା ପାଖରେ ପହଞ୍ଚିଲା । ରଙ୍ଗବାଲାକୁ କହିଲା “ମୋ ଗୋଡ଼ରେ ଟିକେ ଧଳାରଙ୍ଗ ବୋଳି ଦେଲୁ ।” ରଙ୍ଗବାଲା ଭାବିଲା ଗଧିଆ କାଳେ କାହାର କ’ଣ କ୍ଷତି କରିବ, ତେଣୁ ସେ ବୋଳିବାକୁ ରାଜି ହେଲାନାହିଁ । ଗଧିଆ ତାକୁ ଡରେଇ କହିଲା “ଯଦି ନ ଲଗେଇ ଦେବୁ ତେବେ ମୁଁ ତୋତେ ଖାଇଯିବି ।” ସେଇଠୁ ସେ ଡରମରି ଧଳା ରଙ୍ଗ ତା’ ଗୋଡ଼ରେ ଲାଗିଥିବା ମଇଦା ଉପରେ ଲଗେଇଦେଲା ।

ବୁଝିଲ ପିଲାଏ ମଣିଷମାନେ ଏମିତି ଡରୁଆ ।

ସେଠାରୁ ଗଧିଆ ଆସି ପୁଣି ଛେଳିଘର କବାଟ ଖଡ଼ଖଡ଼ କରି ତା’ ନରମ ସ୍ୱରରେ ଡାକିଲା, “ପିଲାମାନେ, ମାଆ ଫେରିଲଣି କବାଟ ଖୋଲ । ତମ ପାଇଁ ଖାଇବା ନେଇ ଆସିଛି ।” ପିଲାମାନେ ତା’ ସ୍ୱର ଜମା ଧରିପାରିଲେ ନାହିଁ । ସେମାନେ କହିଲେ “କାହିଁ ତୋ ଗୋଡ଼ ଆମକୁ ଦେଖେଇଲୁ, ତୁ ଆମ ମା କି ନୁହଁ ଆମେ ଚିହ୍ନିବୁ ।”

ଗଧିଆ ତା’ ଆଗଗୋଡ଼ ଦୁଇଟା ଝରକା ଉପରକୁ ଟେକି ଦେଖେଇଲା । ତା ଗୋଡ଼ ଧଳା । ଛେଳି ଛୁଆଯାକ ତ ସବୁ ସାନ ସାନ । ସେମାନେ ଗଧିଆର ଚାଲାକି ବା କଣ ବୁଝନ୍ତେ ! ତାଙ୍କ ମା ଯାହା କହିଯାଇଥିଲା ଗଧିଆ ବିଷୟରେ

Digitized by srujanika@gmail.com

ଏଇ ତ ତା'ଠୁ ଅଲଗା । ତାଙ୍କ ମା'ପରି ନରମ, ମିଠାକଥା, ପୁଣି ଗୋଡ଼ ଦୁଇଟା-ଯାକ ଧଳା । ସେମାନେ ଜାଣିପାରିଲେ ନାହିଁ ଯେ ଇଏ ତାଙ୍କ ମା' ନୁହେଁ, ଗଧିଆ ବୋଲି । ସେଇଠୁ ସେମାନେ ମା' ଫେରିଛି ଭାବି କବାଟ ଖୋଲିଦେଲେ । ଗଧିଆ ମହାଖୁସିରେ ଘର ଭିତରକୁ ପଶିଗଲା । ହେଲେ ପିଲାମାନେ ତାକୁ ଦେଖି ଯିବେ କୁଆଡ଼େ ? ଡରରେ ତାଙ୍କର ପିଳେହି ପାଣି । ତରବରରେ ଯେ ଯୁଆଡ଼େ ପାରିଲେ ଯାଇ ଲୁଚିଲେ । ଘରେ ବି ଲୁଚିବାକୁ ଜାଗା କାହିଁ ? ଜଣେ ଯାଇ ଟେବୁଲ ତଳେ, ଜଣେ ଯାଇ ଖଟ ତଳେ, ଜଣେ ଯାଇ ଚୁଲି ପଛରେ, ଆଉ ଜଣେ ଯାଇ ରୋଷେଇଘରେ, ତା' ତଳ ଯାଇ କବାଟ କଣରେ, ଆଉଜଣକ ଯାଇ ରୋଷେଇଘର ଥାକ ତଳେ, ଏମିତି ସମସ୍ତେ ଯିଏ ଯେଉଁଠି ପାରିଲା ଲୁଚିଗଲେ । ସବା ସାନ ଛୁଆ କ'ଣ କଲା, ଯାଇ ଡେଇଁପଡ଼ି ଘଣ୍ଟାଖୋଳ ଭିତରେ ପଶିଗଲା । ଗଧିଆ କିନ୍ତୁ ସମସ୍ତଙ୍କୁ ଖୋଜି ବାହାର କରି ଗୋଟି ଗୋଟି କରି ପେଟକୁ ଛାଡ଼ିଦେଲା । ଖାଲି ସବା ସାନଟି ଘଣ୍ଟାଖୋଳ ଭିତରେ ଥିଲା ବୋଲି ତାକୁ ସେ ଖୋଜି ପାଇଲା ନାହିଁ । ସମସ୍ତଙ୍କୁ ଖାଇସାରି ଗଧିଆ ପେଟ ଆଉଁସି ଆଉଁସି, ହାଲୁଟି ମାରି ମାରି ଯାଇ ଘର ଆଗରେ ଥିବା ଘାସ ବଗିଚାରେ ଶୋଇପଡ଼ିଲା । ପେଟ ତ ପୂରିଛି, ତାକୁ ଗୃହୁଁ ଗୃହୁଁ ନିଘୋଡ଼ ନିଦ ହୋଇଗଲା ।

କିଛି ସମୟ ପରେ ବୁଢ଼ୀ ଛେଳି, ପିଲାଙ୍କ ଖାଇବା ନେଇ ବଣରୁ ଫେରିଲା । ଘରେ ପହଞ୍ଚି କବାଟ ମେଲା ହୋଇଥିବା ଦେଖି ତା' ହାଲୁକ ଶୁଖିଗଲା । ଘର ଭିତରେ ପଶି ସେ ଯାହା ଦେଖିଲା, ସେଥିରେ ତା'ର ଧାର ଧାର ଲୁହ ବୋହିଗଲା । ଟେବୁଲ କୁଆଡ଼େ ପଡ଼ିଛି ତ ଚଉକି କୋଉଠି ପଡ଼ିଛି । ବାସନଯାକ ଭାଙ୍ଗି ଚୁରମାର ହୋଇପଡ଼ିଛି । ସେ ସେଇଠୁ ତା ପିଲା-ମାନଙ୍କ ନାଁ ଧରି ଜଣ ଜଣକୁ ଡାକିଲା । ହେଲେ କିଏ, ଅଛି ଯେ ଶୁଣିବ ?

Digitized by srujanika@gmail.com

ସବା ସାନ ଛୁଆର ନାଁ ଡାକିବାରୁ ସେ ଡର ଡର ଘଣ୍ଟା ଖୋଳ ଭିତରୁ କହିଲା, "ମା' ମୁଁ ଏଇଠି ଘଣ୍ଟା ଖୋଳ ଭିତରେ ଅଛି । ମୋତେ ଧରି ବାହାର କର ।"

ସେ ସେଇଠୁ ସାନ ଛୁଆକୁ ଖୋଳ ଭିତରୁ ବାହାର କରି ତା'ଠାରୁ ସବୁ ଖବର ଶୁଣିଲା, କେମିତି ଗଧିଆ ଆସି ତାଙ୍କୁ ସବୁ ଠକି ତା' ସବୁ ଭାଇମାନଙ୍କୁ ଖାଇଯାଇଛି । ବୁଢ଼ୀ ତା ପିଲାମାନଙ୍କ ପାଇଁ ବହୁତ କାନ୍ଦିଲା । ହେଲେ ସେ କ'ଣ ଆଉ ଫେରିବେ ? ଶେଷରେ ସେ ସାନ ଛୁଆଟିକୁ ସାଙ୍ଗରେ ନେଇ ଘର ବାହାରକୁ ଆସି ଚାରିଆଡ଼କୁ ଅନେଇଲା । ଯେତେବେଳେ ସେ ବଗିଚାକୁ ଆସିଲା, ଦେଖିଲା ଗଧିଆ ଆରାମରେ ଘାସ ଉପରେ ଗଛ ଛାଇରେ ଶୋଇଛି । ସେ ଏତେ ଜୋରରେ ଘୁଂଘୁଡ଼ି ମାରୁଛି ଯେ, ତା' ନାକ ପବନରେ ଗଛର ଡାଳପତ୍ର ବି ହଲିଯାଉଛି । ବୁଢ଼ୀ ଛେଳି ସେଇଠୁ ତା' ପାଖକୁ ଯାଇ ତାକୁ ଭଲ କରି ଅନେଇଲା । ଦେଖିଲାବେଳକୁ ଗଧିଆ ପେଟ ଭିତରେ କଣ ସବୁ ଛଟର ପଟର ହେଉଛନ୍ତି ।

ବୁଢ଼ି ଭାବିଲା "ମୋ ଛୁଆଯାକ କ'ଣ ଏତେବେଳଯାଏ ଗଧିଆ ପେଟ ଭିତରେ ବଞ୍ଚିଛନ୍ତି ?" ଏଇଆ କହି ସେ ତା' ସାନ ପୁଅକୁ କହିଲା "ଦୌଡ଼ଯା, ଗୋଟାଏ ଛୁରୀ ଆଉ ଛୁଞ୍ଚି ସୂତା ଘରୁ ନେଇ ଅସିବୁ" । ସାନ ପୁଅ ଯେମିତ ଛୁରୀ ଆଣିଛି, ବୁଢ଼ି କ'ଣ କଲନା ଅତି ସାବଧାନରେ ଗଧିଆର ପେଟକୁ ଛୁରୀରେ କାଟିଛି, ସେମିତି ଟପାଟପ କରି ଗୋଟାକ ପରେ ଗୋଟାଏ ଛେଳି-ଛୁଆ ଗଧିଆ ପେଟରୁ ବାହାରି ଆସିଲେ । ବୁଢ଼ୀର ଆନନ୍ଦ କହିଲେ ନ ସରେ ।

ପିଲାଏ ତମକୁ ବି ଭାରି ଖୁସି ଲାଗୁଥିବ ।

ଛୁଆଯାକ ଗଧିଆ ପେଟରୁ ବାହାରି ବୁଢ଼ୀ ଚାରିପାଖରେ ଖୁସିରେ ଆଗ ଥୋଡ଼ାଏ ନାଚଗଲେ । ତା'ପରେ ବୁଢ଼ୀ ତା ପିଲାଙ୍କୁ କହିଲା, 'ପିଲାଏ

Digitized by srujanika@gmail.com

ଏଥର ବଡ଼ ବଡ଼ ପଥର ସବୁ ଗୋଟେଇଆଣ ତ । ମୁଁ ଗଧିଆ ପେଟରେ ସେ ସବୁ ପୂରେଇ ତା ପେଟକୁ ସିଲେଇ କରିଦେବି । ସେ ତ ନଘୋଡ଼ ନିଦରେ ଶୋଇଛି, କିଛି ବୁଝିପାରିବ ନାହିଁ ।"

ପିଲାଯାକ ମିଶି ପଥରସବୁ ଗୋଟେଇ ଆଣିଲେ । ବୁଢ଼ୀ ସେତିକି ଗଧିଆ ପେଟରେ ପୂରେଇ ଆଣ୍ଟା କରି ସିଲେଇ କରିଦେଲା । ତା'ପରେ ସେମାନେ ଗଧିଆକୁ ସେଠାରେ ଛାଡ଼ିଦେଇ ଘର ଭିତରକୁ ଯାଇ କବାଟ କିଳିଦେଲେ । ବୁଢ଼ୀ ମନେ ମନେ ଗଧିଆକୁ କହିଲା, "ଏଥର ତୋ' ମଜା ବୁଝୁଥା, ମୋ ପିଲାଙ୍କୁ ଖାଇବା ସୁଆଦ ଶୋଇ କରି ଉଠିଲେ ବୁଝିପାରିବୁ ଯେ ।"

କିଛି ସମୟ ପରେ ଗଧିଆ ଉଠିଲା, ଗୃହିଆଡ଼କୁ ଅନେଇଲା । ହେଲେ ତା ଦେହ ଭିତରଟା କିମିତି କିମିତି ହେଉଥାଏ । ସେ ମନେ ମନେ ଭାବିଲା, ଛେଳିଛୁଆଯାକ କ'ଣ ଏତେବେଳଯାଏ ହଜମ ହୋଇନାହାନ୍ତି ନା କ'ଣ ? ତାକୁ ଭାରି ଶୋଷ କରୁଥାଏ । ସେଇଠୁ ସେ ବଗିଚା ପାଖରେ ଥିବା ଝରଣାକୁ ଗଲା ପାଣି ପିଇବାକୁ । ସେ ଚାଲିଲାବେଳକୁ ପଥରଯାକ ତା' ପେଟରେ ଏତେ ଜୋରରେ ଗଡ଼େଇ ହେଉଥାନ୍ତି ଯେ, ସେ ଜମା ଭଲ କରି ଚାଲିପାରୁ ନ ଥାଏ । ସେ ଭାବୁଥାଏ, "ଛେଳିଛୁଆଯାକ ପଥର ପାଲଟିଗଲେ ନା କ'ଣ ?" ସେ ବହୁ କଷ୍ଟରେ ଯାଇ ଝରଣାକୂଳରେ ପହଞ୍ଚିଲା । ଯେମିତି ପାଣି ପିଇବ ବୋଲି ପାଣିକୁ ମୁହଁ ବଢ଼େଇଛି, ସେମିତି ପଥରଗୁଡ଼ା ତା' ପେଟ ଭିତରେ ଆଗକୁ ଏତେ ଜୋରରେ ଗଡ଼ିଗଲେ ଯେ, ସେ ଝରଣା ଭିତରକୁ ଗଡ଼ିପଡ଼ିଲା । ଝରଣାର ପାଣି ସୁଅରେ ଲୁଆଡ଼େ ବୋଲି କୁଆଡ଼େ ଭାସିଗଲା ।

Digitized by srujanika@gmail.com

ଚେଙ୍ଗଳକୁଆମାନେ ତ ତାଙ୍କ ଘର ଭିତରୁ ତାକୁ ଅନେଇଥିଲେ । ସେ ପାଣିରେ ଭସିଯିବା ଦେଖି ଖୁସିରେ ଗୀତ ଗାଇ ନାଚ ନାଚ ତାଙ୍କ ମା' ଚୂଲ-ପାଖରେ ବେଢ଼ିଗଲେ । ସେମାନେ ଗାଉଥା'ନ୍ତି—

ଗଧିଆ ଭାଇ ରେ ଗଧିଆ ଭାଇ
କେମିତି ମଜା ତ କହୁ ନୂହଇ
ଚେଙ୍ଗଳକୁଆଯାକ ପଥର ହେଲେ
ପାନେ ମଜା ଚୋଟେ ଚଖେଇ ଦେଲେ ।

———

ଜଣେ ଚାଷୀର ତିନି ପୁଅ । ସେ ଯେମିତି ବୁଢ଼ା ହୋଇଗଲା, ସେ ଭାବିଲା ତା’ ସମ୍ପତ୍ତିତକ ତା’ ତିନି ପୁଅଙ୍କ ଭିତରେ ଭାଗ କରିଦେବ । ତା’ ସମ୍ପତ୍ତି କହିଲେ ଗୋଟିଏ ଆମ୍ବ ବଗିଚା, ଗୋଟାଏ ଗଧ ଓ ଗୋଟାଏ ବିଲେଇ । ଏତକ ଭାଗ କରିବା ତ ଭାରି ସହଜ । ସେ ବଡ଼ପୁଅକୁ ଡାକି ଆମ୍ବ ବଗିଚାଟା ତାକୁ ଦେଇଦେଲା, ତା’ପରେ ମଝିଆଁ ପୁଅକୁ ଗଧଟିକୁ ଦେଲା ଓ ସବା ସାନପୁଅକୁ ଡାକି ବିଲେଇଟାକୁ ଦେଲା । ସାନପୁଅ ବିଲେଇଟାକୁ ନେଇ ଭାରି ମନ ଖରାପ କଲା । ବିଲେଇଟା ବା କ’ଣ କରିବ ତାର ? ଆଉ ଦୁଇଭାଇ ହେଲେ ତାଙ୍କ ପାଇଥିବା ଜିନିଷରେ ପେଟ ପୋଷିପାରିବେ । ସେ ବିଲେଇଟା ନେଇ କ’ଣ କରିବ ! ସେ ମନେ ମନେ ତେଣୁ ତା’ ବାପାକୁ ଭାରି ଗାଳିଦେଲା । ବିଲେଇଟାକୁ କ’ଣ ସେ ମାରିକି ଖାଇବ ?

ବିଲେଇ ତା’ ପାଖରେ ବସିଥାଏ । ସାନପୁଅ ମନ ଖରାପ କରିବା ଦେଖି ସେ କହିଲା, “ମାଲିକେ, ତମେ ମୋତେ ମାର ନାହିଁ କି ମନକଷ୍ଟ ଜମା କର ନାହିଁ । ମୁଁ ତମର ବହୁତ କାମରେ ଆସିବ ।

Digitized by srujanika@gmail.com

ସାନପୁଅ ପଚାରିଲା "କେମିତି ?"

ସେ କହିଲା "ତମେ ମତେ ହଳେ ବୁଟ୍‌ଜୋତା ଆଉ ଗୋଟାଏ ମୁଣି ଦିଅ । ଲୋକମାନେ ଶିକାରକୁ ଗଲେ ଯେଉଁ ମୁଣି ନିଅନ୍ତି, ସେମିତିକା ମୁଣି ଗୋଟେ ମୋର ଦରକାର । ତା' ହେଲେ ମୁଁ ତମର ମନଦୁଃଖ ଦୂର କରିଦେବି ।"

ସାନପୁଅ ବିଲେଇ କଥାରେ କିଛି ଜୋର ଦେଲା ନାହିଁ । ସେ ଭାବିଲା ଏଇଟା କ'ଣ ଇଆଡ଼ୁ ସିଆଡ଼ୁ କହୁଛି । ହେଲେ ବିଲେଇଟା କଥା କହୁଥିବା ଦେଖି ସେ ମନେ ମନେ ଭାରି ଆଶ୍ଚର୍ଯ୍ୟ ହେଲା । ତା' ଛଡ଼ା ତାର ବା ବିଲେଇ ଛଡ଼ା ଆଉ କିଏ ଅଛି ? ତେଣୁ ସେ ବିଲେଇ ପାଇଁ ହଳେ ବୁଟ୍ ଓ ଗୋଟାଏ ମୁଣି ଯୋଗାଡ଼ କରି ଆଣିଦେଲା ।

ବିଲେଇ ତା' ଜୋତା ହଳକ ପିନ୍ଧି ଆଉ ତା' ମୁଣିକୁ କାନ୍ଧରେ ପକାଇ ଏଥର ତା' କାମରେ ବାହାରି ପଡ଼ିଲା । ସତେ କି ଗୋଟାଏ ଭାରି ସାହସୀ ଶିକାରୀ । ସେ ଯାଇ ଯେଉଁଠି ଠେକୁଆମାନେ ଗାତ କରି ରହନ୍ତି, ସେଇ ପାଖରେ ପହଞ୍ଚିଲା । ତା' ମୁଣି ଭିତରେ କିଛି ମୂଳା ଆଉ ଗାଜର ପୂରେଇ ଗାତଠାରୁ କିଛି ଦୂରରେ ରଖିଲା । ତା' ପରେ ନିଜେ ମଲାପରି ମୁଣି ପାଖରେ ପଡ଼ି ରହିଲା । ବୋକା ଠେକୁଆ ସବୁ ବିଲେଇର ଚାଲାକି ବା ବୁଝିବେ କ'ଣ ? ଗୋଟାଏ ମୋଟା, ସୁନ୍ଦରିଆ ଠେକୁଆ ଆସି ମୁଣି ଭିତରେ ପଶି ଗାଜର ସବୁ ଖାଇଲା । ବିଲେଇ କଣ କଲା, ଧିରେ ଧିରେ ଉଠି ମୁଣି ମୁହଁଟାକୁ ବନ୍ଦ କରିଦେଲା । ସେ ଠେକୁଆକୁ ନେଇ ବିଲେଇ ଯାଇ ରାଜାଘରେ ପହଞ୍ଚିଲା । ରାଜାଘରେ ପହଞ୍ଚି ସେ ଜଗୁଆଳକୁ କହିଲା, "ମୁଁ ରାଜାଙ୍କୁ ଦେଖା କରିବାକୁ ଆସିଛି ।" ସେଇଠୁ ଜଗୁଆଳ ରାଜାଙ୍କଠାରୁ ଅନୁମତି ଆଣି ତାକୁ ଭିତରକୁ

Digitized by srujanika@gmail.com

ନେଇଗଲା । ରଜାଙ୍କ ପାଖରେ ପହଞ୍ଚି ସେ ଅତି ବିନୟର ସହିତ ପ୍ରଣାମ କରି କହିଲା, "ମହାରାଜ ! ମୁଁ ଅପଣଙ୍କ ପାଇଁ ଏଇ ବଢ଼ିଆ ଠେକୁଆଟି ଆଣିଛି । ଏଇଟାକୁ ମୁଁ ଆମ ହିମାଳୟ ରାଜକୁମାରଙ୍କ ବଗିଚାରୁ ଧରିଥିଲି । ଆମ ରାଜକୁମାର ଏଇଟାକୁ ଆପଣଙ୍କୁ ଦେବାପାଇଁ କହିଛନ୍ତି ।"

ରାଜା ଠେକୁଆ ଦେଖି ଭାରି ଖୁସି ହେଲେ । ସେ କହିଲେ, "ହଉ, ତୁ ଯାଆ, ତମ ରାଜାପୁଅଙ୍କୁ ମୋର ଧନ୍ୟବାଦ ଜଣାଇଦେବୁ ।"

ଆଉ ଦିନେ ବିଲେଇ ପୁଣି ତା' ମୁଣି ନେଇ ବଗିଚାକୁ ଗଲା । ସେଠାରୁ ଦୁଇଟା ସୁନ୍ଦରିଆ ବତେଇ ଧରି ନେଇ ପୁଣି ରାଜାଙ୍କ ପାଖରେ ପହଞ୍ଚିଲା । ରାଜାଙ୍କୁ ଆଗପରି କହି ବତେଇ ଦୁଇଟା ଉପହାର ଦେଲା । ରାଜା ଏଥର ଏତେ ଖୁସି ହୋଇଗଲେ ଯେ, ସେ ତାଙ୍କ ଲୋକଙ୍କୁ ଡାକି ବିଲେଇକୁ ଭଲକରି ଖାଇବା ପିଇବାକୁ ଦେବାକୁ ଆଦେଶ ଦେଲେ । ବିଲେଇ ତ ମହା ଚାଲାକ୍ । ସେ ଖାଉ ଖାଉ ତା' ମାଲିକର ଜମିଦାରୀ ଏବଂ ଦରବାର କଥା ସବୁ ଗପୁଥାଏ । ରାଜାଘର ଲୋକେ ସେ କଥା ଶୁଣି ଭାରି ଆଶ୍ଚର୍ଯ୍ୟ ହେଉଥାନ୍ତି ।

ଦିନେ ରାଜା ତାଙ୍କ ଝିଅକୁ ନେଇ ନଦୀକୂଳ ଆଡ଼େ ବୁଲିବାକୁ ବାହାରିଲେ । ରାଜକୁମାରୀ ଦେଖିବାକୁ ଅପ୍ସରୀ ପରି ସୁନ୍ଦରୀ । ବିଲେଇ ରାଜାଙ୍କ ବୁଲିଯିବା ଖବର ଶୁଣି ଯାଇ ତା' ମାଲିକକୁ କହିଲା, "ମାଲିକେ, ତମେ ଯଦି ମୋ କଥା ଶୁଣିବ, ତେବେ ତମର ଭାଗ୍ୟ ବଦଳିଯିବ ।"

ସାନପୁଅ ତ ବିଲେଇ କଥାକୁ ବେଶୀ ଖାତିର କରେ ନାହିଁ । ତେବେ ବି ସେ କହିଲା, "କ'ଣ ତୋ କଥା କହୁଛୁ କହ ।"

ବିଲେଇ କହିଲା, "ବେଶୀ କିଛି କଷ୍ଟ କାମ ନୁହେଁ । ତମେ ଖାଲି ଯାଇ ମୁଁ ଯେଉଁଠି ଦେଖେଇଦେବି, ସେଇଠି ନଈରେ ଗାଧୋଇବ । ଆଉ ସବୁ

Digitized by srujanika@gmail.com

କାମ ତେଣିକି ମୁଁ କରିବି । ତମେ ଖାଲି ମନେ ରଖିଥିବ, ତମେ ଯେ ସେ ଲୋକ ନୁହଁ, ତମେ ମୋର 'ହିମାଳୟର ରାଜକୁମାର' ।"

ଯାନପୁଅ କହିଲା "ହଉ । ଯାହା କହିବୁ କରିବି ।" ହେଲେ ତା'ର ବିଲେଇ କଥାରେ ବିଶେଷ ଭରସା ନ ଥାଏ । ସେ ଯାଇ ନଦୀରେ ଗାଧୋଉଥାଏ ।

ସେ ଗାଧୋଇଲାବେଳେ ସେଇ ବାଟରେ ରାଜା, ରାଜକୁମାରୀ ଓ ତାଙ୍କ ଲୋକମାନେ ଗାଡ଼ିରେ ଗଲେ । ହଠାତ୍ ରାଜା କାହାର ବିକଳ ପାଟି ଶୁଣି ବାକୁ ପାଇଲେ "ରକ୍ଷା କର, ରକ୍ଷାକର, ଆମ ହିମାଳୟ ରାଜକୁମାର ନଦୀରେ ବୁଡ଼ିଯାଉଛନ୍ତି ।" ରାଜା ଗାଡ଼ିରୁ ବାହାରି ଦେଖିଲେ, ଆଉ କେହି ନୁହେଁ, ଯେଉଁ ବିଲେଇ ତାଙ୍କ ପାଇଁ ଉପହାର ସବୁ ଆଣିଦିଏ, ସେଇ ଏମିତି ପାଟି କରୁଛି ।" ସେ ସେଇଠୁ ତାଙ୍କ ଲୋକଙ୍କୁ ଅତି ଶୀଘ୍ର ଯାଇ ରାଜକୁମାରଙ୍କୁ ନଦୀରୁ ଉଦ୍ଧାର କରି ଆଣିବାକୁ ଆଦେଶ ଦେଲେ । ଯେତେବେଳେ ରାଜାଙ୍କ ଲୋକମାନେ ରାଜକୁମାରଙ୍କୁ ନଦୀରୁ ଉଠେଇ ଆଣୁଥିଲେ, ସେତେବେଳେ ଆମ ଚତୁର ବିଲେଇ ଆସି ରାଜାଙ୍କୁ କହିଲା "ମହାରାଜ ! ଆମ ରାଜକୁମାର ଗାଧୋଇଲାବେଳେ କିଏ ଜଣେ ଚୋର ଆସି ତାଙ୍କର ସବୁ ପୋଷାକ ଚୋରାଇ ନେଇଛି । ତେଣୁ ସେ ଲାଜରେ ଓ ଦୁଃଖରେ ଆପଣଙ୍କ ଓ ରାଜକୁମାରୀଙ୍କ ଆଗକୁ ଆସିପାରୁ ନାହାନ୍ତି ।"

ରାଜା ଏ କଥା ଶୁଣି ତାଙ୍କ ଲୋକଙ୍କୁ ରାଜକୁମାରଙ୍କ ପାଇଁ ପୋଷାକ ଆଣିବାକୁ ରାଜାଘରକୁ ପଠାଇଲେ । ପୋଷାକ ଆସିବାରୁ ବିଲେଇ ତାକୁ ନେଇ ହିମାଳୟ ରାଜକୁମାରଙ୍କୁ ଦେଲା । ଦେଖିଲାବେଳକୁ ପୋଷାକ ତାଙ୍କ ଦେହକୁ ଠିକ୍ ମାପିଲା ପରି ହୋଇଛି । ତା' ଛଡ଼ା ହିମାଳୟ ରାଜକୁମାର ମଧ୍ୟ

Digitized by srujanika@gmail.com

ଦେଖିବାକୁ ଭାରି ସୁନ୍ଦର । ସେ ବର୍ତ୍ତମାନ ମୂଲ୍ୟବାନ ରାଜପୋଷାକ ପିନ୍ଧି ଠିକ୍ ରାଜାପୁଅ ପରି ଦିଶୁଥା'ନ୍ତି । ହିମାଳୟ ରାଜକୁମାର ତା'ପରେ ପୋଷାକପତ୍ର ପିନ୍ଧି ବଡ଼ ଜାକଜମକରେ ରାଜାଙ୍କ ଆଗରେ ପହଞ୍ଚିଲେ ।

ରାଜା ଓ ରାଜାଝିଅ ରାଜକୁମାରଙ୍କୁ ବହୁତ ଆଦର କଲେ । ରାଜକୁମାରୀ ତ ରାଜକୁମାରଙ୍କ ରୂପରେ ଏକାବେଳକେ ଭୋଳ ହୋଇଗଲେ । ସେଇଠୁ ରାଜକୁମାରୀଙ୍କ କଥାରେ ରାଜା ରାଜକୁମାରଙ୍କୁ ତାଙ୍କ ଗାଡ଼ିରେ ବୁଲିଯିବା ପାଇଁ ଡାକିଲେ । ରାଜକୁମାରର ଆନନ୍ଦ ଦେଖେ କିଏ ? ସେ ମନେ ମନେ ବିଲେଇକୁ ଭାରି ପ୍ରଶଂସା କରୁଥାଏ । ବିଲେଇ ବି ତା' ବାହାଦୁରୀ ପାଇଁ ମନେ ମନେ ଭାରି ଗର୍ବ କରୁଥାଏ । ଯେତେବେଳେ ରାଜା, ରାଜାଝିଅ ଓ ରାଜକୁମାର ବୁଲିବା ପାଇଁ ଏକାଠି ଗାଡ଼ିରେ ଯାଉଥା'ନ୍ତି, ଇଆଡ଼େ ବିଲେଇ କ'ଣ କଲା ନା; ଗାଡ଼ିଠୁ ବହୁତ ଦୂରକୁ ଚାଲିଗଲା । ସେ ଜାଣିଛି ଗାଡ଼ି କେଉଁବାଟେ ଯିବ । ତେଣୁ ସେଇବାଟେ ଆଗକୁ ଯାଇ ସେ ଦେଖିଲା, କେତେ ଲୋକ ତାଙ୍କ ଜମି ଚାଷ କରୁଛନ୍ତି । ସେ ସେମାନଙ୍କୁ ଟିକେ ଧମକେଇ ଦେଇ କହିଲା "ଭାଇମାନେ, ଆମ ରାଜା ଏଇକ୍ଷଣି ଏଇବାଟେ ଆସୁଛନ୍ତି । ରାଜା ପଚାରିଲେ ତମେ ସବୁ କହିବ ଯେ, ଯେଉଁ ଜମି ତମେ ଚାଷ କରୁଛ, ସେ ସବୁ ହିମାଳୟ ରାଜକୁମାରଙ୍କର । ଯଦି ଏ କଥା ନ କହିବ, ତେବେ ତମ ଜୀବନଟି ମୋ ହାତରେ । ଏ କଥା ମନେ ରଖିଥିବ ।"

ବିଲେଇ ଏ କଥା କହି ଯାଉ ନ ଯାଉଣୁ ରାଜା ଆସି ସେଠାରେ ପହଞ୍ଚିଗଲେ । ରାଜା ପଚାରିଲେ, "ଏତେ ବଢ଼ିଆ ଜମି କାହାର ?" ଲୋକମାନେ ଡର ମରି କହିଲେ, "ଆଜ୍ଞା, ଏସବୁ ଜମି ହିମାଳୟ ରାଜକୁମାରଙ୍କର ।" ରାଜା ସେଇଠୁ ରାଜକୁମାରଙ୍କୁ କହିଲେ, "ତମର ତ ଭାରି ବଢ଼ିଆ ଜମସବୁ

Digitized by srujanika@gmail.com

ଅଛି ।” ରାଜାପୁଅ କହିଲା, “ହଁ, ମୋର ଏ ଜମି ସବୁ ଖୁବ ଭଲ । ଭଲ ଫସଲ ହୁଏ ।”

ବଲେଇ ଏଥର ଚାଷଜମି ପାଖରୁ ଆଉ ଟିକିଏ ଦୂରକୁ ଚାଲିଗଲା । ସେଠି ସବୁ ଲୋକମାନେ ଜମିରୁ ଧାନ ଅମଳ କରୁଥା'ନ୍ତି । ସେ ସେମାନଙ୍କୁ ଧମକେଇ କହିଲା, “ଭାଇମାନେ ଆମ ରଜା ଏ ବାଟେ ଆସୁଛନ୍ତି । ସେ ପଚାରିବେ—ଏ ଧାନ କାହାର । ତମେ ସବୁ କହିବ—ଏ ଧାନ ସବୁ ଅମଳ ହୋଇ ହିମାଳୟ ରାଜକୁମାରଙ୍କ ଖଳାକୁ ପଠାଯିବ । ଏସବୁ ତାଙ୍କର । ଯଦି ଏ କଥା ନ କୁହ, ତମ ଜୀବନଟି ମୋ ହାତରେ ଯିବ ।” ଲୋକମାନେ ଡରିଗଲେ ।

ରାଜା ଯେମିତି ଆସି ସେଠାରେ ପହଞ୍ଚିଛନ୍ତି ବଲେଇ ସେଠାରୁ ପଳାଇଗଲା । ରାଜା ଲୋକମାନଙ୍କୁ ପଚାରିଲେ “ତମେ ସବୁ କାହା ଧାନ ଅମଳ କରୁଛ ?” ସେମାନେ କହିଲେ, “ଏ ଧାନସବୁ ହିମାଳୟ ରାଜକୁମାରଙ୍କର ।” ରାଜା ଫସଲ ଦେଖି ଖୁବ ଖୁସି ହୋଇ ରାଜକୁମାରଙ୍କୁ ପ୍ରଶଂସା କରି ପକାଇଲେ । ରାଜା କହିଲେ, “ତମ ଜମିରେ ତ ବଢ଼ିଆ ଫସଲ ହୋଇଛି ।” ରାଜକୁମାର କହିଲା, “ହଁ, ମୋ ଜମିରେ ସବୁବେଳେ ଭଲ ଫସଲ ହୁଏ ।”

ବଲେଇ ତ ରାଜାଙ୍କ ଆଗେ ଆଗେ ଦୌଡ଼ୁଛି । ଏଥର ସେ ଆସି କୋଟେ ଅସୁରର ବିରାଟ ଘର ପାଖରେ ପହଞ୍ଚିଲା । ରାଜା ତ ସେଇବାଟେ ଯିବେ । ସେ ମହା ଚାଲାକ । ତେଣୁ ସେ ଗୋଟାଏ ବୁଦ୍ଧି ଯାଙ୍ଗେ ଯାଙ୍ଗେ ମନରେ ପାଞ୍ଚି ପକେଇଲା । ଯେଉଁ ଅସୁର ସେ ଘରେ ରହୁଥାଏ, ସେ ଖୁବ ଦୁଷ୍ଟ । ତାର ଲୋକମାନେ, ଚାକରବାକରମାନେ ତାକୁ ଡରିକରି ଥା'ନ୍ତି । କେହି ପଦେ ହେଲେ ପାଟି ଫିଟାଇ ପାରନ୍ତି ନାହିଁ । ତେଣୁ ବଲେଇ ସେମାନଙ୍କୁ ପଚାରି ଅସୁରର ସବୁ ଖବରଯାକ ବୁଝିଲା । ତା'ପରେ ତା' କୋଠାକୁ ଯିବି ଜଣେ

Digitized by srujanika@gmail.com

ବଡ଼ ବୀର ପରି ଯାଇ ଅସୁରର ଘରେ ପହଞ୍ଚିଲା । ଅସୁର ପାଖକୁ ଖବର ପଠେଇଲା ଯେ, ସେ ଜଣେ ଧାର୍ମିକ ଲୋକ ଏବଂ ସେ ଧର୍ମ କରିବାକୁ ଯାଉ ଯାଉ ବାଟରେ ଜଣେ ଏତେ ବଡ଼ ଲୋକ ଥିବାର ଶୁଣି ତାଙ୍କୁ ଦେଖା କରିବାକୁ ଆସିଛି ।

ଅସୁର ଏ ଖବର ପାଇ ବଡ଼ ଆଦରରେ ବିଲେଇକୁ ତା' ଘର ଭିତରକୁ ପାଛୋଟି ନେଲା । ତାକୁ ଭାରି ଖାତିର କରି ବସିବାକୁ ଓ ଖାଇବାକୁ ଦେଲା । ବିଲେଇ କିନ୍ତୁ ତା' କାମ ସାରିବାରେ ଥାଏ । ସେ ଅସୁରକୁ କହିଲା, "ଠିକ୍ ଅଛି, ଆପଣଙ୍କ ବ୍ୟବହାରରେ ମୁଁ ଭାରି ଖୁସି । ହେଲେ ମୋ ମନରେ ଗୋଟିଏ କଥା ପଚାରିବାକୁ ଅଛି । ମୁଁ ଦୂର ଦେଶ ବହୁତ ବୁଲି ଆସିଲିଣି । ମୁଁ ବହୁ ଜାଗାରେ ଶୁଣିଛି ଯେ, ଆପଣଙ୍କର ବେଶ ବଦଳେଇ ପାରିବାର କ୍ଷମତା ରହିଛି । ଯେତେବେଳେ ଯେଉଁ ରୂପ ହେବାକୁ ଆପଣ ଇଚ୍ଛା କରନ୍ତି, ସେ ରୂପ ହୋଇପାରନ୍ତି । ଦୟାକରି ମୋତେ ଟିକେ ଦେଖେଇବେ କି ? ମୁଁ ଆପଣଙ୍କୁ ସିଂହ ବା ହାତୀ ରୂପରେ ଦେଖିବାକୁ ଇଚ୍ଛା କରୁଛି ।"

ଅସୁର କହିଲା, "ହଁ, ଯାହା ଶୁଣିଛ ସବୁ ସତ । ତମର ଯଦି ବିଶ୍ୱାସ ନ ହେଉଛି, ହେଇ ଦେଖ ମୁଁ କେମିତି ସାଙ୍ଗେ ସାଙ୍ଗେ ସିଂହ ହୋଇଯାଉଛି ।" ଏ କଥା କହି ସେ ସାଙ୍ଗେ ସାଙ୍ଗେ ଗୋଟାଏ ସିଂହ ହୋଇଗଲା । ତାକୁ ଦେଖି ବିଲେଇକୁ ଭାରି ଡର ମାଡ଼ିଲା । ସେ ଏକାଡ଼ିଆଁକେ ଯାଇ ଅସୁରଘରର ଛାତକୁ ଚଢ଼ିଗଲା । ହେଲେ ତା' ଗୋଡ଼ରେ ତ ସେ ଜୋତା ପିନ୍ଧିଛି, ସହଜେ ଯାଇପାରୁଛି କେଉଁଠି ? ସେଇଠୁ ଅସୁର ପାଟି କରି କହିଲା, "ତମେ ଡରିଗଲ କି ? ଏ କିଛି ନୁହଁ । ମୁଁ ଯେଉଁ ରୂପ ଇଚ୍ଛା କରିବି ହେବି, ତେଣୁ ଡରିବାର କିଛି ନାହିଁ ।" ବିଲେଇ ସେଇଠୁ ତଳକୁ ଆସି କହିଲା, "ଠିକ୍ ଅଛି, ଆପଣଙ୍କର ସିନା ଏତେ ବଡ଼ ଦେହ ବୋଲି ସିଂହ ହେବା ଆପଣଙ୍କ ପାଇଁ ସହଜ । କିନ୍ତୁ

Digitized by srujanika@gmail.com

ମୁଁ ଭାବୁଛି ଆପଣ ବୋଧେ ଛୋଟ ଛୋଟ ରୂପ ନେଇପାରିବେ ନାହିଁ । ଯେମିତି ଛୋଟ ମୂଷା କି ଚୁଟିଆମୂଷା ।"

ଅସୁରଗୁଡ଼ା ତ ବୋକା । ସେ ବିଲେଇ ଚାଲାକି ବୁଝିପାରିବ । ସେ କହିଲା "ହେବ, ତମେ ବୁଝିପାରୁନ । ହେଇ ଦେଖ, ମୁଁ କେମିତି ମୂଷା ହୋଇଯାଉଛି ।" ଏଇଆ କହି ସେ ଗୋଟେ ମୂଷା ହୋଇଗଲା । ବିଲେଇ ତ ଏଇକଥା ଖୋଜୁଥିଲା । ସେ ଯେମିତି ମୂଷା ହୋଇଛି, ସେ ତତ୍‌କ୍ଷଣାତ ମୂଷାକୁ ଯେମିତି ଧରେ, ସେମିତି କାବୁ କରି ପକାଇଲା । ଦୁଇ ଚାରି ପାହାର ତା' ଗୋଡ଼ରେ ଦେଇ ଅସୁରକୁ ମାରି ପକାଇଲା । ଏତେ ବଡ଼ ଅସୁରଟା ବିଲେଇ ହାତରେ ମଲା ।

ଏତିକିବେଳକୁ ରାଜା ସେଇ ଆସୁରର ଘର ପାଖରେ ପହଞ୍ଚିଥାନ୍ତି । ସେ ସେ ଅସୁରର ଏତେ ବଡ଼ ଘର ଦେଖି ତା' ଭିତରକୁ ଯିବାପାଇଁ ଇଚ୍ଛା କଲେ । ଏହି ସମୟରେ ବିଲେଇ ରାଜାଙ୍କ ଗାଡ଼ିର ଶବ୍ଦ ଶୁଣି ଆସି ଦୁଆର ମୁହଁରେ ପହଞ୍ଚିଗଲା । ରାଜାଙ୍କୁ ବଡ଼ ସମ୍ମାନର ସହିତ କହିଲା "ମହାରାଜ, ଏ ହେଉଛି ଆମ ହିମାଳୟ ରାଜକୁମାରଙ୍କ ରାଜପ୍ରାସାଦ । ଆପଣ ଏହା ଭିତରକୁ ଆସିବା ହେଉନ୍ତୁ ।"

ରାଜା ତ ଘର ଦେଖି ତାଜୁବ୍ । ତାଙ୍କ ଆଖି ଖୋସି ହୋଇଗଲା ଏତେ ବଡ଼ ରାଜପ୍ରାସାଦ ଦେଖି । ସେ କହିଲେ, "କ'ଣ ? ଜାହୋ ହିମାଳୟ-କୁମାର, ତମର ଏତେ ବଡ଼ ଘର ! କାହିଁ ମୋ ରାଜ୍ୟରେ ତ ଏତେ ବଡ଼ ଘର ଥିବାର ତ ମୁଁ ଦେଖିନ ।"

ରାଜକୁମାର ଆଉ କିଛି ବେଶି କଥା ନ କହି, ମନେ ମନେ ବିଲେଇର ବୁଦ୍ଧିକୁ ତାରିଫ କରି, ରାଜାଝିଅ ଓ ରାଜାଙ୍କୁ ତା' ପ୍ରାସାଦକୁ ଆସିବାକୁ ଡାକିଲା ।

Digitized by srujanika@gmail.com

ସେ ହନା ପ୍ରଥମରୁ ଚଷାପୁଅ ଥିଲା; କିନ୍ତୁ ସେ ତ ବର୍ତ୍ତମାନ ହମାଳୟ ରାଜକୁମାର । ଏହା ଭିତରେ ସେ ରାଜାଘରର ସବୁ କାଇଦାକଟକ ଶିଖି ପକାଇଥାଏ । ତେଣୁ ରାଜାଝିଅ ଓ ରାଜାଙ୍କୁ ରାଜପ୍ରାସାଦକୁ ଡାକି ବଡ଼ ଆଦରରେ ନେଇ ଭିତରେ ବସାଇଲା । ଚାରିଆଡ଼ପାକ ଖାଲି ମଣି, ମୁକ୍ତା, ହୀରା ନୀଳାରେ ଜକ ଜକ କରୁଥାଏ । ରାଜାଙ୍କ ପାଇଁ ବଢ଼ିଆ ବଢ଼ିଆ ଖାଇବା ତିଆରି ହୋଇ ଆସିଲା । ମହାଖୁସିରେ ବସି ସମସ୍ତେ ଖାଇଲେ ।

ରାଜା ସେଇଠୁ ରାଜକୁମାରର ଘରବାଡ଼ି ଦେଖି, ତା' କଥାବାର୍ତ୍ତାରେ ଖୁସି ହୋଇ ତାକୁ ପଚାରିଲେ "ରାଜକୁମାର, ତମର ମୋ ଝିଅକୁ ବାହା ହେବା ପାଇଁ ଆପତ୍ତି ଅଛି କି ?" ରାଜକୁମାର (ଆଗରୁ ସିନା ସେ ଚଷାପୁଅ ଥିଲା) ଓ ରାଜକୁମାରୀ ତ ମନେ ମନେ ସେଇଆ ଚାହୁଁଥିଲେ । ସେ ଖୁସି ହୋଇ କହିଲା, "ମୁଁ ରାଜି ଅଛି ।" ସେଇଠୁ ରାଜକୁମାର ସାଙ୍ଗରେ ରାଜାଝିଅର ବାହାଘର ଭାରି ଜାକଜମକରେ ହେଲା । ଦଶ ଦିନ, ଦଶ ରାତି ଯାଏ ଖିଆପିଆ ଧୂମ୍ ଲାଗିରହିଲା । କେତେ ବାଜା ବାଜିଲା, ବାଣ ମରାହେଲା, ମହୋଚ୍ଛବ ହେଲା । ସମସ୍ତେ ମହାଖୁସିରେ ରହିଲେ ।

ବିଲେଇ ବି ମହାଖୁସି । ତା' ବୁଦ୍ଧିରୁ ସିନା ଚଷାପୁଅ ଆଜି ରାଜକୁମାର ହୋଇଛି । ତାକୁ ରାଜକୁମାର ଭାରି ଖାତିର କରି ଦୁଧ, ଦହି, ଘିଅ, ମାଛ ଖାଇବାକୁ ଦେଇ ରଖିଲା । ଖାଲି ତାର ଯେତେବେଳେ ମନ ହୁଏ, ସେ ଗୋଟେ ଗୋଟେ ମୂଷା ମାରେ ମନଖୁସି କରିବାକୁ । ନ ହେଲେ ସବୁବେଳେ ଜଣେ ବଡ଼ ରାଜାଘର ଲୋକପରି ସବୁଆଡ଼େ ବୁଲୁଥାଏ, ସବୁଆଡ଼େ ନଜର ରଖିଥାଏ ।

———

Digitized by srujanika@gmail.com

ବହୁଦିନ ଆଗର କଥା । ଜଣେ ରାଜାଙ୍କର କେତେଗୁଡ଼ିଏ ଭାରି ସୁନ୍ଦରିଆ ଝିଅ ଥା'ନ୍ତି । କିନ୍ତୁ ସମସ୍ତଙ୍କଠାରୁ ସବା ସାନଝିଅ ସବୁଠୁ ବେଶୀ ସୁନ୍ଦର । ସେ ଏତେ ସୁନ୍ଦର ଯେ ପ୍ରତିଦିନ ସୂର୍ଯ୍ୟ ଉଇଁବା ଆଗରୁ ପ୍ରଥମେ ତା' ମୁହଁ ଦେଖି ତା'ପରେ ଆକାଶକୁ ଆସିବାକୁ ଇଚ୍ଛା କରନ୍ତି । ରାଜା ତାଙ୍କ ସାନଝିଅ ମୁହଁ ଦେଖି ବେଳେ ବେଳେ ନିଜର ଦୁଃଖ ଭୁଲିଯା'ନ୍ତି ।

ରାଜାଙ୍କ ଘର ପାଖରେ ଗୋଟାଏ ବଡ଼ ବଣ ଥାଏ । ସେ ବଣ ଭିତରେ ଗୋଟାଏ ବୁଢ଼ା ବରଗଛ ମୂଳରେ କୂଅଟିଏ ବି ଥାଏ । ଖରାଦିନମାନଙ୍କରେ ଦିନେ ଦିନେ ସାନଝିଅ ଏଇ ବଣକୁ ଯାଇ କୂଅମୂଳ ଥଣ୍ଡାରେ ବସେ । ଦିନେ ଦିନେ ତାର ମନ ହେଲେ ସେ ଗୋଟାଏ ସୁନାର ବଲ୍ ନେଇ ସେଇ କୂଅ ପାଖରେ ଫୋପାଡ଼ି, ଫୋପାଡ଼ି ଖେଳେ । ତାକୁ ଏକା ଏକା ଏମିତି ବଲ୍ ଖେଳିବାକୁ ଭାରି ଭଲ ଲାଗେ ।

Digitized by srujanika@gmail.com

ଦିନେ ଏମିତିକା ଖରାଦିନରେ ସେ ଯାଇ କୂଅ ପାଖରେ ବଲ୍ ଖେଳୁଥାଏ । ଖେଳୁ ଖେଳୁ ବଲ୍‌ଟା ତା' ହାତରୁ ଗଳିଯାଇ କୂଅ ଭିତରେ ପଡ଼ିଗଲା । ରାଜାଝିଅ ବଲ୍ ପଛରେ ଗୋଡ଼େଇ ଗୋଡ଼େଇ ଦେଖିଲା ଯେ, ବଲ୍‌ଟା କୂଅର ବହୁତ ତଳକୁ ଚାଲିଗଲା । ଏବେ ସେ କରେ କ'ଣ ? ତା' ବଲ୍ ନ ଥିଲେ ସେ ଖେଳିବ କେଉଁଥିରେ ? ଏଇଆ ଭାବି ସେ ବଡ଼ପାଟିରେ କାନ୍ଦି ପକାଇଲା ।

ତା' କାନ୍ଦ ଶୁଣି କିଏ ଜଣେ ତାକୁ କହିଲା, "ରାଜାଝିଅ, କାହିଁକି କାନ୍ଦୁଛ ? ତମ କାନ୍ଦ ଶୁଣି ତ ପଥର ପାଣି ହୋଇଯିବ ।"

ରାଜାଝିଅ ପ୍ରଥମେ ଜାଣିପାରିଲା ନାହିଁ କିଏ ତାକୁ ଏ କଥା କହିଲା ବୋଲି । ସେ ଏପଟ ସେପଟ ଅନେଇ ଯେମିତି କୂଅ ଭିତରକୁ ଅନେଇ ଦେଇଛି, ଦେଖିଲା, ଗୋଟାଏ ଅସନା, ଅପରିଚ୍ଛନ୍ନିଆ ବେଙ୍ଗ ପାଣି ଭିତରୁ ମୁଣ୍ଡ କାଢ଼ି ତାକୁ କଥା କହୁଛି । ସେ କହିଲା, "ଓ, ତୁ କଥା କହୁଛୁ । ମୋ ବଲ୍ କୂଅ ଭିତରେ ପଡ଼ିଯାଇଛି ବୋଲି ପରା ମୁଁ କାନ୍ଦୁଛି ।"

ବେଙ୍ଗ କହିଲା, "ହଉ, ହଉ ତମେ ଆଉ କାନ୍ଦନି ମୁଁ ତମକୁ ବଲ୍‌ଟା ଫେରାଇଦେବି । ହେଲେ ତମେ ମୋତେ ତା' ବଦଳରେ କ'ଣ ଦେବ ?

ରାଜାଝିଅ କହିଲା, "ବେଙ୍ଗଭାଇ, ଯାହା କହିବୁ, ତା' ଦେବି । ମୋ ପୋଷାକ, ମୋ ହାର, ମୋ ମୁଣ୍ଡର ସୁନାମୁକୁଟ, ଯାହା କହିବୁ ତା' ଦେବି ।

ବେଙ୍ଗ କହିଲା, 'ଏଗୁଡ଼ା ମୋର କ'ଣ ହେବ ? ମୁଁ ତ ବେଙ୍ଗଟାଏ । ତୁମେ ଯଦି ମୋ ସାଙ୍ଗ ହେବ, ମୋ ସାଙ୍ଗେ ଖେଳିବ, ମୋତେ ତମ ଖାଇବା ଜାଗାରେ ଖାଇବାକୁ ଛାଡ଼ିବ, ତମ ପିଇବା ପାଣି ବି ମୋତେ ପିଇବାକୁ ଦେବ,

Digitized by srujanika@gmail.com

ଆଉ ତମ ଶୋଇବା ଖଟରେ ତମ ପାଖରେ ଶୁଆଇବାକୁ ରାଜି ହେବ, ତେବେ ମୁଁ ତମ ବଲଟା ଫେରାଇଦେବି । ତମେ କିନ୍ତୁ ତମ କଥା ବଦଳେଇବ ନାହିଁ । ମୋ କଥାରେ ରାଜି ହେଲେ ମୁଁ ପାଣିରେ ବୁଡ଼ି ସୁନାବଲ୍ ଆଣି-ଦେବି ।

ରାଜାଝିଅ କହିଲା, "ହଁ, ମୁଁ ତୋ କଥାରେ ରାଜି । ମୁଁ କଥା ଦେଉଛି ତୁ ଯାହା କହୁଛୁ ତା' ହେବ । ମୋ କଥା ମୁଁ ବଦଳେଇବି ନାହିଁ । ଆଗ ତୁ ମୋ ସୁନାବଲ୍‌ଟା ଆଣିଦେ ।" ହେଲେ ସେ ସିନା ବେଙ୍ଗକୁ ଏ କଥା କହିଲା, ମନେ ମନେ କିନ୍ତୁ କହୁଥାଏ "ଛି, କି ଅସନା ଅପରିଚ୍ଛନ୍ନିଆ ବେଙ୍ଗଟା, କହୁଛି କ'ଣ ନା ମୁଁ ତାକୁ ମୋ ପାଖରେ ଖଟରେ ଶୁଆଇବି । ଯିଏ ପାଣି ଭିତରେ ଅସନାରେ ରହି ମେଘ ଦେଖିଲେ ତା' ସାଙ୍ଗ ବେଙ୍ଗମାନଙ୍କ ସହିତ ବୋବାଏ, ସେ ପୁଣି ମୋ ସାଙ୍ଗ ହେବାକୁ ସାହସ କରୁଛି ! ବେଙ୍ଗଟାର ଭାରି ବହପ ତ !"

କିନ୍ତୁ ବେଙ୍ଗକୁ ରାଜାଝିଅ ଯେମିତି କଥା ଦେଇଛି, ସେ ସେମିତି ପାଣି ଭିତରକୁ ବୁଡ଼ିଯାଇ ସୁନାବଲ୍‌ଟାକୁ ପାଟିରେ ଧରି ଉପରକୁ ଉଠି ଆସିଲା । ସେ ବଲ୍ ଆଣି ରାଜାଝିଅ ପାଖକୁ ଘାସରେ ଗଡ଼େଇଦେଲା । ରାଜାଝିଅ ତା' ବଲ୍ ପାଇ ମନ ଖୁସିରେ ଘରକୁ ଦୌଡ଼ିଲା ।

ତା' ଦେଖି ବେଙ୍ଗ ପାଟି କରି ଉଠିଲା, "ରାଜାଝିଅ ରୁହ, ରୁହ । ମତେ ତମ ସାଙ୍ଗରେ ନିଅ, ମୁଁ ତମପରି ଏତେ ଜୋରରେ ଦୌଡ଼ିପାରୁ ନାହିଁ ।"

"ରାଜାଝିଅ ତା' କଥା କିଛି ନ ଶୁଣି ଦୌଡ଼ୁଥାଏ । ବେଙ୍ଗ ତାର ଯେତେ ବଡ଼ ପାଟି ଅଛି, ସେତେ ବଡ଼ ପାଟି କରି ପଛରୁ ଡାକୁଥାଏ । ରାଜାଝିଅ ଶୀଘ୍ର ଶୀଘ୍ର ଦୌଡ଼ି ଦୌଡ଼ି ଯାଇ ଘରେ ପହଞ୍ଚିଗଲା । ବେଙ୍ଗକଥା ସେ

Digitized by srujanika@gmail.com

ପୂରାପୂର ମନରୁ ପାଶୋର ପକାଇଲା । ଶଚରା ବେଙ୍ଗ ଆଉ କରେ କ'ଣ ? ମନଦୁଃଖରେ ପୁଣି ତା' କୂଅ ଭିତରକୁ ଫେରଗଲା ।

ତା' ପରଦିନ ଖାଇବାବେଳେ ରାଜାଘର ସମସ୍ତେ ଖାଇବାକୁ ବସିଥାନ୍ତି । ରାଜା, ରାଣୀ, ତାଙ୍କ ଝିଅମାନେ ଓ ତାଙ୍କ ଘରର ଅନ୍ୟମାନେ ଖାଇବାକୁ ଆରମ୍ଭ କରୁଥାନ୍ତି । ସାନଝିଅ ମଧ୍ୟ ତା' ସୁନାଥାଳିଆରୁ ଖାଇବା ପାଇଁ ହାତ ଉଠାଉଥାଏ । ଏହି ସମୟରେ ହଠାତ୍ କିଏ ଜଣେ ରଜାଘର ପାହାଚ ଉପରେ ଠପ୍ ଠପ୍ କର ଉଠିବାରେ ଲାଗିଥାଏ । ଶେଷରେ କିଏ ଜଣେ କବାଟରେ ଠକ୍ ଠକ୍ କର କହିଲା, "ସାନ ରଜାଝିଅ, କବାଟ ଖୋଲ, ମୁଁ ଭିତରକୁ ଯିବ ।"

ସାନଝିଅ ଭାବିଲା, ଏତେବେଳେ ତାକୁ କିଏ ଡାକିବ ! ସେ ଉଠିଯାଇ, ଦୁଆର ଖୋଲି ଦେଖେତ ବେଙ୍ଗ ତାକୁ ଅପେକ୍ଷା କର ଦୁଆରମୁହଁରେ ବସିଛି । ବେଙ୍ଗକୁ ଦେଖି ସାନଝିଅ ତରବରରେ କବାଟ ବନ୍ଦ କର ତା' ଖାଇବା ଜାଗାକୁ ଫେର ଆସିଲା । ଦୁଃଖରେ ତା' ମୁହଁଟି ଶୁଖିଗଲା । ତା' ଶୁଖିଲା ମୁହଁ ଦେଖି ରାଜା ତାକୁ ପଚାରଲେ, "ତୋର କ'ଣ ହେଲାକି ? ତୋ' ମୁହଁ କାହିଁକି ଶୁଖିଗଲା ? ତୁ କବାଟ ପାଖରେ କ'ଣ ଗୋଟାଏ ଅସୁରକୁ ଦେଖିଲୁ କି ? ତୋତେ କ'ଣ ସେ ନବାକୁ ଆସିଛି କି, ତୋର ଏତେ ମନ ଦୁଃଖ ?"

ସାନଝିଅ କହିଲା, "ନା, ନା ଅସୁର ନୁହେଁ, ସେ ଗୋଟାଏ ବେଙ୍ଗ ।"

ରଜା ପଚାରଲେ, "ସେ କାହିଁକି ଡାକୁଛି, କ'ଣ ତାର ଦରକାର ?"

ସେଇଠୁ ସାନଝିଅ ରଜାଙ୍କୁ ସବୁ କଥା କହିଲା । କେମିତି ଗତକାଲି ସେ କୂଅ ପାଖରେ ଖେଳୁ ଖେଳୁ ତା' ସୁନାବଲ୍‌ଟା କୂଅ ଭିତରେ ପଡ଼ିଗଲା । ପୁଣି ତା' କାନ୍ଦ ଶୁଣି କେମିତି ଏଇ ବେଙ୍ଗ ତାକୁ ତା' ବଲ୍‌ଟା ପାଣିରୁ କାଢ଼ିଆଣି ତାକୁ

Digitized by srujanika@gmail.com

ଦେଲା । କିନ୍ତୁ ସେ ବଲ୍‌ଟା ଦେଇ ବେଙ୍ଗ କହିଥିଲା ଯେ, ସେ ତା' ପାଖରେ ରହିବ, ତା' ସାଙ୍ଗରେ ଖାଇବ, ତା' ପାଖରେ ଶୋଇବ । ସେ କଥା ଦେବାରୁ ସେ ତାକୁ ବଲ୍‌ଟା ଫେରାଇ ଦେଇଥିଲା । ସେ ଭାବିଥିଲା ଯେ, ବେଙ୍ଗଟା କ'ଣ ଇଆଡ଼ୁ ସିଆଡ଼ୁ ବାଜେ କଥା କହୁଛି । ସେଥିପାଇଁ ସେ ତା' କଥାରେ ରାଜି ହୋଇଥିଲା । ସେ କ'ଣ ଆଉ ଜାଣିଥିଲା ସତରେ ବେଙ୍ଗ ପୁଣି ପାଣିରୁ ବାହାରି ଆସି ତାକୁ ହଇରାଣ କରିବ ବୋଲି !

ରାଜାଝିଅ କହିଲା "ବାପା, ସେ ବେଙ୍ଗ ଚାହୁଁଛି ମୋ ପାଖକୁ ଆସିବ ବୋଲି ।'

ଏହି ସମୟରେ ବେଙ୍ଗ ପୁଣି ଡାକି ଉଠିଲା "ସାନ ରାଜାଝିଅ, ଦୁଆର ଖୋଲ, ତମ କଥା ରଖି ମୋତେ ପାଖକୁ ନିଅ ।"

ରାଜା ବେଙ୍ଗ ଡାକ ଶୁଣି ସାନଝିଅକୁ କହିଲେ, "ଯା, ଯାହାକୁ ତୁ କଥା ଦେଇଥିଲୁ, ତୁ ତୋର କଥା ରକ୍ଷା କର । କବାଟ ଖୋଲି ତାକୁ ଭିତରକୁ ଆସିବାକୁ ଦେ ।"

ବିଚାରୀ ରାଜାଝିଅ କରେ କ'ଣ ? ଯାଇ କବାଟ ଖୋଲିଲା । ବେଙ୍ଗ ସାଙ୍ଗେ ସାଙ୍ଗେ ଡେଇଁ ଡେଇଁ କା ରାଜାଝିଅ ସାଙ୍ଗରେ ତା' ଖାଇବା ଟେବୁଲ ପାଖରେ ଆସି ପହଞ୍ଚିଲା । ରାଜାଝିଅ ମନେ ମନେ ଭାରି ରାଗୁଥାଏ ।

ବେଙ୍ଗ ଟେବୁଲ ପାଖରେ ପହଞ୍ଚି କହିଲା, "ଏଥର ମୋତେ ଟେବୁଲ ଉପରକୁ ନିଅ ।"

ରାଜାଝିଅ ତା' କଥା ନ ଶୁଣି ଜାଣିଶୁଣି ଡେରି କରୁଥାଏ । ତା' ଦେଖି ରାଜା ପୁଣି ବେଙ୍ଗକୁ ଟେବୁଲ ଉପରକୁ ନେବାକୁ କହିଲେ । ବେଙ୍ଗ ଟେବୁଲ ଉପରେ ବସି କହିଲା, "ସାନ ରାଜାଝିଅ, ତମ ସୁନା ଥାଳିଆଟା ଟିକେ ମୋ ପାଖକୁ ଘୁଞ୍ଚାଇଦିଅ, ତା' ହେଲେ ଆମେ ଦୁହେଁ ସାଙ୍ଗ ହୋଇ ଥାଳିଆରୁ ଖାଇପାରିବା ।

Digitized by srujanika@gmail.com

ରାଜାଝିଅ ଥାଳିଆ ଘୁଞ୍ଚାଇଦେଲା ବେଙ୍ଗ ପାଖକୁ । ବେଙ୍ଗ ମନ ଆନନ୍ଦରେ ବଢ଼ିଆ ବଢ଼ିଆ ଜିନିଷ ଥାଳିଆରୁ ପେଟପୂରା ଖାଇଲା । ସାନଝିଅ କିନ୍ତୁ ଜମା ଖାଇପାରିଲା ନାହିଁ ।

ଖାଇବା ଶେଷ ହେବା ପରେ ବେଙ୍ଗ ପୁଣି କହିଲା, "ସାନ ରାଜାଝିଅ, ମୁଁ ଖାଇସାରି ଖୁବ ହାଲିଆ ହୋଇଗଲିଣି । ତମେ ମୋତେ ତମ ଶୋଇବା ଘରକୁ ନେଇ ତମ ନରମ ଗଦିରେ ପାଖରେ ଶୁଆଅ ।

ଏ କଥା ଶୁଣି ରାଜାଝିଅ କାନ୍ଦିବାକୁ ଆରମ୍ଭ କଲା । ସେ ବେଙ୍ଗ କଥା ଶୁଣି ମନେ ମନେ ଡରିଗଲା । ତା' ସୁନ୍ଦର, ସଫା, ନରମ ବିଛଣାରେ ଗୋଟାଏ ଅସନା ବେଙ୍ଗ ପାଖରେ ଶୋଇବା କଥା ଭାବିଲା ବେଳକୁ ତା' ଦେହ ଭିତର କ'ଣ ହୋଇଯାଉଥାଏ । ବେଙ୍ଗ କିନ୍ତୁ ଛାଡ଼ିବା ଜନ୍ତୁ ନୁହଁ । ସେ ବିଛଣାରେ ରାଜାଝିଅ ପାଖରେ ଶୋଇବ ବୋଲି ଅପେକ୍ଷା କରିଥାଏ ।

ରାଜାଝିଅ ଡେରି କରୁଥିବା ଦେଖି ରାଜା କହିଲେ ତୋର ଦରକାର-ବେଳେ ତୁ ଯାହାକୁ ଯାହା କଥା ଦେଇଥିଲୁ, ତୁ ସେ କଥା ରଖିବା ଉଚିତ । ତେଣୁ ବେଙ୍ଗକୁ ତୋ ଘରକୁ ନେଇଯା ।

ରାଜାଙ୍କ କଥା ଶୁଣି ରାଜାଝିଅ ବଡ଼ ବିରକ୍ତିରେ ବେଙ୍ଗଟାର ଗୋଟାଏ ଗୋଡ଼କୁ ତା' ହାତର ଦୁଇଟା ଟିପରେ ଧରି ତା' ଶୋଇବା ଘରକୁ ନେଇଗଲା । ଶୋଇବା ଘରେ ବେଙ୍ଗକୁ ଗୋଟାଏ କବାଟ କଣରେ ପକାଇ ଦେଇ ସେ ତା' ଖଟ ଉପରକୁ ଶୋଇବାକୁ ବାହାରିଗଲା ।

ବେଙ୍ଗ କବାଟ କଣରୁ ଡେଇଁ ଡେଇଁ ଆସି ଖଟ ଗୋଡ଼ ପାଖରେ ପହଞ୍ଚି ରାଜାଝିଅକୁ କହିଲା, "ମୁଁ ବଡ଼ ହାଲିଆ ହୋଇପଡ଼ିଛି, ତମ ପରି ମୋର ବି ଶୋଇବା ଦରକାର । ତମେ ଯଦି ମୋତେ ଖଟ ଉପରକୁ ନ ନେବ, ତେବେ ମୁଁ ତମ ବାପାଙ୍କୁ କହିଦେବି ।"

Digitized by srujanika@gmail.com

ବେଙ୍ଗ କଥା ଶୁଣି ରାଜାଝିଅ ଭାରି ରାଗିଗଲା । ସେ ରାଗରେ ବେଙ୍ଗଟାକୁ ଧରି ତାର ଯେତେ ଜୋର ଅଛି ସେତେ ଜୋରରେ ଘରର କାନ୍ଥ ଉପରକୁ ତାକୁ ଫୋପାଡ଼ିଦେଲା । ରାଗିକରି କହିଲା "ପାଜି ବେଙ୍ଗ, ତୁ ଚୁପ୍ କରୁଛୁ ନା ଫେରି ଦେଖିବୁ, ମୁଁ ତୋତେ ବାହାରକୁ ଫୋପାଡ଼ିଦେବି । ମଜା ପାଉଥିବୁ ।"

କିନ୍ତୁ ରାଜାଝିଅ ଯେମିତି ତାକୁ ରାଗରେ ଫୋପାଡି ଦେଇଛି ସେମିତି ଦେଖିଲାବେଳକୁ ବେଙ୍ଗଟା ଜଣେ ଭାରି ସୁନ୍ଦର ରାଜାପୁଅ ହୋଇଗଲା । ସେ ଏତେ ସୁନ୍ଦର ଯେ ଯେମିତି ତାକୁ ଭଗବାନ ସାନ ରାଜାଝିଅର ବର ହେବ ବୋଲି ଆଗରୁ ଗଢ଼ିଥିଲେ । ରାଜାଝିଅ ତ ରାଜାପୁଅକୁ ଦେଖି ତାଜୁବ୍ । ତା' ପାଟିରୁ କଥା ବାହାରିଲା ନାହିଁ । ରାଜାପୁଅ ତା'ପରେ ସେ କେମିତି ବେଙ୍ଗ ହେଲା, ସେ କଥା ରାଜାଝିଅକୁ କହିଲା । ଗୋଟାଏ ଦୁଷ୍ଟ ଅସୁରୁଣୀର ଅଭି-ଶାପରେ ସେ ବେଙ୍ଗ ହୋଇଥିଲା । ପୁଣି ରାଜାଝିଅ ଛଡ଼ା ତାକୁ ଆଉ କେହି ସେ ଅଭିଶାପରୁ ରକ୍ଷା କରିପାରି ନ ଥାନ୍ତେ । ସେଇଠୁ ରାଜା ତାଙ୍କ ସାନଝିଅକୁ ରାଜପୁଅ ସହିତ ବାହା କରିଦେଲେ । ସେ ଦୁଇଜଣ ବାହା ହୋଇ ରାଜା-ପୁଅର ରାଜ୍ୟକୁ ବାହାରିଲେ । ରାଜା ତାଙ୍କୁ ବହୁତ ଯାନି ଯୌତୁକ ଦେଇ ମନ ଖୁସିରେ ବିଦା କଲେ । ତାଙ୍କ ସାଙ୍ଗରେ ଗୋଟାଏ ନେଉଳ ଗୀତ ଗାଇ ଗାଇ ଯାଉଥାଏ ।

ରଜାପୁଅ ସିନା ରଜାଝିଅ ପାଇଁ
ବେଙ୍ଗକୁ ବେଙ୍ଗୁଲୀ ସାଜେ
ତୁମ ଆମ ପାଇଁ ଭୋଜି ଭାତ ସିନା
ମହୁରୀ ନାଗରା ବାଜେ ।

———

Digitized by srujanika@gmail.com

ସୁନାହଂସ

ଜଣେ ଲୋକର ତିନୋଟି ପୁଅ । ତିନି ପୁଅ ଭିତରୁ ସବା ସାନପୁଅଟା ଘୋର ବୋକା । ତା' ନାଁ ଦେଇଥାନ୍ତି 'ବୁଦ୍ଧୁ' । ତାକୁ ସମସ୍ତେ ଥଟ୍ଟା କରନ୍ତି, ଗାଳି ଦିଅନ୍ତି, ଛୋଟ ପିଲାମାନେ ଟେକା ପକାନ୍ତି । ତାକୁ କେହି ଭଲ ପାଆନ୍ତି ନାହିଁ । ହେଲେ ତାର ସେସବୁ ପାଇଁ ଖାତିର ନ ଥାଏ । ସେ କାହାକୁ କିଛି କହେ ନାହିଁ କି କାହାର କଥା ଶୁଣେ ନାହିଁ ।

ଦିନେ ସେ ଲୋକର ବଡ଼ପୁଅ ଜଙ୍ଗଲ ବଣକୁ କାଠ ଆଣିବାକୁ ଯିବ । ସେଇଠୁ ତା' ମାଆ ତାକୁ ଖଣ୍ଡେ ସୁଆଦିଆ ପେଡ଼ାପିଠା ଆଉ ବୋତଲେ ପାଣି ଦେଲା ସାଙ୍ଗରେ ନେବାକୁ, କାଠ କାଟୁ କାଟୁ ହାଲିଆ ହେଲେ ଓ ତାକୁ ଭୋକ କଲେ ସେ ଖାଇବ ବୋଲି । ବଡ଼ପୁଅ ପିଠା ଓ ପାଣି ନେଇ ଆସି ବଣରେ ପହଞ୍ଚିଲା । ବଣରେ ପହଞ୍ଚି ସେ ଦେଖିଲା ବୁଢ଼ାଟିଏ, ତା' ଆଡ଼କୁ ଆସୁଛି ।

Digitized by srujanika@gmail.com

ବୁଢ଼ା ତା' ପାଖକୁ ଆସି କହିଲା, "ମୋତେ ଭାରି ଭୋକ, ତମ ପିଠା ଆଉ ପାଣିରୁ କିଛି ମୋତେ ଦିଅ । ନ ଖାଇଲେ ମୋ ଦେହ କ'ଣ ହୋଇଯିବ ।"

ତା' କଥା ଶୁଣି ବଡ଼ପୁଅ ରାଗିଗଲା ଓ କହିଲା, "ଯା, ଯା, ପିଠା ଫିଠା କିଛି ନାହିଁ । ମୁଁ ମୋ ପାଇଁ ପିଠା ଆଣିଛି ନା ତୋ ପାଇଁ ? ମୁଁ ତୋତେ କିଛି ଦେବିନି ।"

ଏ କଥା କହି ସେ କାଠ କାଟିବାକୁ ବଣରେ ପଶିଲା । ବିଚରା ବୁଢ଼ା ସେମିତି ତାକୁ ଅନେଇ ଠିଆ ହୋଇ ରହିଲା । ତା' ପରେ ବଡ଼ପୁଅ ଯାଇ ତା' କୁରାଢ଼ୀ ଉଠେଇ ଗୋଟାଏ ବଡ଼ ଗଛରେ ପାହାର ପକାଇଲା । ତା' ଦୁର୍ଭାଗ୍ୟକୁ କୁରାଢ଼ୀ ପାହାର ଗଛରେ ନ ପଡ଼ି ତା' ହାତରେ ପଡ଼ିଲା । ତା' ହାତ କଟି ରକ୍ତ ବୋହିବାକୁ ଲାଗିଲା । ସେ ବିଚରା ଏବେ କରେ କ'ଣ ? ବାଧ୍ୟ ହୋଇ ଘରକୁ ଫେରି ତା' ହାତରେ ଔଷଧ ଲଗାଇ, କନାରେ ବାନ୍ଧି ଘରେ ବସି ରହିଲା । ଭୋକିଲା ବୁଢ଼ାକୁ ତା' ନିଜ ଭାଗରୁ ଖଣ୍ଡେ ପିଠା ନ ଦେବାର ଫଳ ସେ ସାଙ୍ଗେ ସାଙ୍ଗେ ପାଇଗଲା ।

ତା' ପରଦିନ ମଝିଆପୁଅ ବାହାରିଲା କାଠ କାଟିବାକୁ । ତାକୁ ବି ତା' ମାଆ ଖଣ୍ଡେ ସୁଆଦିଆ ପୋଡ଼ପିଠା, ଆଉ ବୋତଲେ ପାଣି ଦେଲା ବଣରେ ଖାଇବା ପାଇଁ । ମଝିଆପୁଅ ପିଠା ଆଉ ପାଣି ନେଇ ବଣରେ ପହଞ୍ଚିଲା । ବଣରେ ପହଞ୍ଚି ସେ ବି ବୁଢ଼ାକୁ ଦେଖିଲା । ବୁଢ଼ା ଆଗପରି ମଝିଆପୁଅକୁ ଖାଇବାକୁ ମାଗିଲା । ସେ କହିଲା, "ମୋତେ ଭାରି ଭୋକ, ତମ ପିଠା, ପାଣିରୁ ମତେ କିଛି ଦିଅ ।" ମଝିଆପୁଅ ସାଙ୍ଗେ ସାଙ୍ଗେ ରାଗିଗଲା ଓ କହିଲା, "ଯା, ଯା, ତତେ ତ ସବୁ ଦେଇଦେବି, ମୁଁ ପୁଣି କ'ଣ ଖାଇବି ? ମୋ ପେଟ କେମିତି ପୂରିବ ? ଯା' ପଳା, ମୁଁ ତତେ କିଛି ଦେବି ନାହିଁ ।"

Digitized by srujanika@gmail.com

ଏଇଆ କହି ସେ ତା' କୁରାଢ଼ୀ ନେଇ ଗଛ କାଟିବାକୁ ବଣ ଭିତରକୁ ଗଲା । ବଚରା ବୁଢ଼ାଟା ଭୋକରେ ତା' ପିଠାମୁଣିକୁ ଗୁହଁଥାଏ । ଯେତେବେଳେ ମଝିଆପୁଅ ଗଛ କାଟିବାକୁ କୁରାଢ଼ୀ ପାହାର ଉଠାଇଲା, କୁରାଢ଼ୀ ଗଛରେ ନ ପଡ଼ି, ଆଗପଛ ଆସି ତା' ଗୋଡ଼ରେ ପଡ଼ିଲା । ତା' ଗୋଡ଼ କାଟି ହୋଇ ରକ୍ତ ବୋହିବାକୁ ଲଗିଲା । ସେ ଆଉ କ'ଣ କରିବ, କାଠ ନ କାଟି ଘରକୁ ଫେରି ଗୋଡ଼ରେ ଔଷଧ ଲଗାଇ କନା ବାନ୍ଧି ବସି ରହିଲା । ବୁଢ଼ାକୁ ପିଠା ନ ଦେବାର ଫଳ ମଝିଆପୁଅ ବି ପାଇଲା ।

ଦୁଇ ବୁଦ୍ଧିଆ ପୁଅଯାକ ଘରେ ହାତଗୋଡ଼ ବାନ୍ଧି ବସିବାରୁ ସବା ସାନପୁଅ ବୁଦ୍ଧୁ ଏଥର ବାହାରିଲା କାଠ କାଟିବାକୁ । ସେ ତା' ବାପାକୁ ବହୁତ କହି କହିଲା କାଠ କାଟିବାକୁ ଛାଡ଼ିବାକୁ । କିନ୍ତୁ ତା' ବାପା ତ ଜାଣିଛି, ଏଇଟା ବୋକା, ପୁଣି କୌଣସି କାମର ହେଲେ ନୁହଁ । ସେ ତେଣୁ ତା' କଥାକୁ ବେଶୀ ଜୋର ଦେଉ ନ ଥାଏ । ଶେଷରେ ବୁଦ୍ଧୁର ବହୁତ କୁହାବୋଲାରେ ସେ ରାଜି ହେଲା । ସେ କହିଲା, "ହଉ ଯା, ତୁ ଠକିଲେ ଶିଖିବୁ ।"

ବୁଦ୍ଧୁ ମହାଖୁସିରେ ବାହାରିଲା । ତା' ମା' ତାକୁ ଗୋଟାଏ ଛୋଟିଆ ଖୁଦପିଠା ଆଉ ଅଧ ବୋତଲ ପାଣି ଦେଇ ପଠେଇଲା । ସେ ମନେ ମନେ ଭାବୁଥାଏ, "ଏଇଟା କ'ଣ କରିବ ! ତାକୁ ଭଲ କରି ଖାଇବାକୁ ଦେବା ଯାହା, ନ ଦେବା ତା' ।" ବୁଦ୍ଧୁ କିନ୍ତୁ ମନଖୁସିରେ ପିଠା, ପାଣି ନେଇ ବଣକୁ ଗଲା । ବଣରେ ପହଞ୍ଚି ସେ ତା' ଦୁଇଭାଇଙ୍କ ପରି ବୁଢ଼ାକୁ ଭେଟିଲା । ବୁଢ଼ା ବି ଆଗପରି ତାକୁ ଖାଇବାକୁ ମାଗିଲା । ବୁଦ୍ଧୁ କହିଲା, "ମୋ ପିଠା ତ ଯେମିତି କଛି ଭଲ ଲଗିବ ନାହିଁ, ପୁଣି ଦୁଇଜଣଙ୍କୁ ଅଣ୍ଟିବ ନାହିଁ । ତମକୁ ଯଦି ମୋ ପିଠା ଭଲ ଲଗିବ, ତେବେ ଆସ ଆମେ ଦୁହେଁ ସାଙ୍ଗ ହୋଇ ଖାଇବା ।"

Digitized by srujanika@gmail.com

ତା’ ପରେ ଦୁହେଁ ସାଙ୍ଗ ହୋଇ ବସି ଖାଇବାକୁ ଆରମ୍ଭ କଲେ । ଯେମିତି ବୁଦ୍ଧୁ ତା’ ମୁଣିରୁ ଖୁଦ ପିଠା ଆଉ ତା’ ପାଣି ବୋତଲ କାଢ଼ିଲା, ଦେଖିଲାବେଳକୁ ପିଠାଟା ଗୋଟାଏ ବଡ଼ ସୁଆଦିଆ ପିଠା ହୋଇଯାଇଛି ଆଉ ବୋତଲର ପାଣି ବାସୁଛି ଯେ କହିଲେ ନ ସରେ । ଦି’ଜଣଯାକ ମନ ଖୁସିରେ ପେଟପୂରା କରି ଖାଇଲେ ।

ଖିଆପିଆ ସରିବା ପରେ ବୁଢ଼ା ପଚାରିଲା, “ଆଚ୍ଛା, ତମ ନାଁ କ’ଣ ?” ସାନପୁଅ କହିଲା, “ମୋ ନାଁ ବୁଦ୍ଧୁ ।”

ବୁଢ଼ା କହିଲା, “ବୁଦ୍ଧୁ, ତମ ମନ ତ ଭାରି ଖୋଲା ଆଉ ନରମ । ତମ ପାଇଁ ମୁଁ ଆଜି ଖାଇବାକୁ ପାଇଲି । ଆଗରୁ ଆଉ ଦୁଇଜଣ ଏ ବଣକୁ ଆସିଥିଲେ । ସେମାନେ କିନ୍ତୁ ମୋତେ ଖାଇବାକୁ ଦେଇ ନ ଥିଲେ । ନ ଦେବାର ଫଳ ବି ସେମାନେ ସାଙ୍ଗେ ସାଙ୍ଗେ ପାଇଛନ୍ତି । ହାତଗୋଡ଼ କାଟି ଘରେ ପଡ଼ିଛନ୍ତି । ତମେ ସେମାନଙ୍କଠାରୁ ଅଲଗା । ମୁଁ ତମର କିଛି ଉପକାର କରିବି । ଯେଉଁଥିପାଇଁ ତମେ ଜୀବନସାରା ମତେ ମନେ ରଖିଥିବ ।” ଏଇ ବଣ ଭିତରେ ଗୋଟାଏ ପୁରୁଣା ବରଗଛ ଅଛି । ସେଇ ବରଗଛକୁ ତମେ ହାଣିଦେବ । ତା ମୂଳରୁ ଯାହା ପାଇବ, ତାକୁ ତମେ ନେଇଯିବ ।”

ଏ କଥା କହି ବୁଢ଼ା ସେଠାରୁ ହଠାତ୍ କୁଆଡ଼େ ଗଲାପଲା । ସେ ଯେଉଁ ଦୁଇଜଣଙ୍କ କଥା କହିଲା, ବୁଦ୍ଧୁ ବୁଝିଲା ସେ ଦୁଇଜଣଯାକ ତା’ ନିଜର ଭାଇ ଛଡ଼ା ଆଉ କେହି ନୁହନ୍ତି ବୋଲି । ସେ ବୁଢ଼ାକୁ ସେ ବିଷୟରେ କିଛି କହିଲା ନାହିଁ । ତା’ ପରେ ସେ ବଣ ଭିତରକୁ ଯାଇ ସେଇ ପୁରୁଣା ବରଗଛ ପାଖରେ ପହଞ୍ଚି ତାକୁ ହାଣିବାକୁ ବାହାରିଲା । ତା’ କୁରାଢ଼ୀର ଏକ ଚୋଟରେ ଏଡ଼େ ବଡ଼ ପୁରୁଣା, କେଉଁ କାଳର ଗଛଟା କଡ଼ କଡ଼ କରି ଭାଙ୍ଗିପଡ଼ିଲା । ଗଛଟା

Digitized by srujanika@gmail.com

ଝାଙ୍କି ପଡ଼ିବାରୁ ସେ ଦେଖିଲା, ସେ ଗଛମୂଳରେ ଗୋଟାଏ ସୁନାପର ଥିବା ହଂସ ବସିଛି । ସେ ହଂସଟାକୁ ନେଇ ବଣରୁ ବାହାର ଆସିଲା । ବଣରୁ ଆସି ସେ ବଣ ପାଖରେ ଥିବା ଜଣେ ଜମିଦାରଙ୍କ ଘର ପିଣ୍ଡାରେ ରାତିଟା ଶୋଇବ ବୋଲି ଠିକ୍ କଲା । ସେ ଯେମିତି ସେଠାରେ ପହଞ୍ଚିଛି ଜମିଦାରଙ୍କର ତିନି ଝିଅ ସୁନାହଂସଟାକୁ ଦେଖିପାରି ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ଭାବିଲେ ଏଇଟା କି ଚଢ଼େଇ, କେଡ଼େ ସୁନ୍ଦର ପର ତାର ! ବଡ଼ଝିଅ ଭାବିଲା ଯେତେ-ବେଳେ ବୁଦ୍ଧୁ ହଂସକୁ ରଖି ଟିକେ ବାହାରକୁ ଯିବ, ସେତେବେଳେ ସେ ତା' ପରରୁ ଗୋଟାଏ ଛିଣ୍ଡେଇ ନେଇଯିବ । ସେଇଠୁ ବୁଦ୍ଧୁ ଯେମିତି ହଂସକୁ ପିଣ୍ଡାରେ ରଖି ବାହାରକୁ ଯାଇଛି, ବଡ଼ଝିଅ ଯାଇ ହଂସର ପରଟାଏ ଛିଣ୍ଡାଇଲା ।

କିନ୍ତୁ ବଡ଼ଝିଅ ପର କ'ଣ ଛିଣ୍ଡାଇବ; ତା' ହାତ ହଂସର ପରରେ ଲାଗି ରହିଲା, ଜମା ଛାଡ଼ିଲା ନାହିଁ । ତା' ପରେ ମଝିଆଝିଅ ପର ନେବାକୁ ଆସି ଯେମିତି ତା' ଭଉଣୀକୁ ଛୁଇଁଛି, ସେମିତି ସେ ବି ଲାଗି ରହିଲା । କିଛି ସମୟ ପରେ ସାନଝିଅ ବି ପର ନେବାକୁ ଆସିଲା । ସେ ତା' ଦୁଇ ଭଉଣୀ ମନା କଲେ ବି ପର ଆଣିବାକୁ ହାତ ବଢ଼େଇ ସେମିତି ଲାଗି ରହିଲା । ଏମିତି ତିନି ଭଉଣୀଯାକ ସାରା ରାତି ପର ଦେହରେ ଲାଗି କରି ରହିଲେ । ବୁଦ୍ଧୁ ବାହାରୁ ଆସି ନିଘୋଡ଼ ନିଦରେ ଶୋଇଥିଲା । ଯେମିତି ସକାଳ ହେଲା, ସେ ଉଠିପଡ଼ି ତା ହଂସକୁ ଧରି ଚାଲିବାକୁ ଲାଗିଲା । ସେ ହଂସପରରେ ଲାଗିଥିବା ତିନି ଭଉଣୀଙ୍କୁ ବି ଦେଖିପାରିଲା ନାହିଁ । ହଂସକୁ କାଖରେ ଯାକି ଚାଲିବାକୁ ଲାଗିଲା । ହଂସ ସହିତ ତିନି ଭଉଣୀଯାକ ବୁଦ୍ଧୁ ମୁଆଡ଼େ ଯେତେ ଜୋରରେ ଚାଲିଲା, ତା' ସାଙ୍ଗରେ ଦଉଡ଼ିବାକୁ ଲାଗିଲେ । ସେମାନେ କୁଆଡ଼ୁ ବୁଦ୍ଧୁ ସାଙ୍ଗରେ ଚାଲିପାରନ୍ତେ ।

Digitized by srujanika@gmail.com

ଏମିତି ଯାଉ ଯାଉ ବାଟରେ ସେମାନେ ଗାଁ ପୁରୋହିତଙ୍କୁ ଭେଟିଲେ । ପୁରୋହିତ ସେମାନଙ୍କୁ ଦେଖି କହିଲେ, "ଛି, ଛି, ଝିଅଗୁଡ଼ା ଏମିତି ବାଟ ମଝିରେ ଭେଡ଼ା ଗୋଡ଼ି ହୋଇ କ'ଣ ଯାଉଛ ?" ଏଇଆ କହି ସେ ସାନଝିଅକୁ ତା' ଘରକୁ ପଠାଇବାକୁ ଟାଣି ଧରିଲେ । କିନ୍ତୁ ସେ ଯେମିତି ତାକୁ ଛୁଇଁଛନ୍ତି ସେମିତି ସେ ବି ସେମାନଙ୍କ ସହିତ ଲାଗି ଯାଇ ଟାଣି ହୋଇ ଚାଲିଲେ ।

ଏମିତି ଯାଉ ଯାଉ ବାଟରେ ଗାଁର ଜଣେ ଜଣାଶୁଣା ମୁଖିଆଙ୍କୁ ଭେଟିଲେ । ମୁଖିଆ ପୁରୋହିତଙ୍କୁ ସେମାନଙ୍କ ସାଙ୍ଗରେ ଯିବାର ଦେଖି ପାଟି-କରି ଉଠିଲେ, "ହଇହୋ, ପୁରୋହିତେ ! ଆଜି ପରା ଆପଣଙ୍କର ମନ୍ଦିରରେ ପୂଜା ଅଛି, ଆପଣ ଏମାନଙ୍କ ସହିତ କୁଆଡ଼େ ଚାଲିଛନ୍ତି ?" ଏଇଆ କହି ସେ ପୁରୋହିତଙ୍କୁ ଟାଣି ଆଣିବାକୁ ଯେମିତି ତାଙ୍କୁ ଛୁଇଁଛନ୍ତି, ସେ ବି ସେମାନଙ୍କ ସାଙ୍ଗରେ ଟାଣି ହୋଇ ଚାଲିଲେ ।

ପାଞ୍ଚଜଣଯାକ ସେମିତି ଚାଲିଥା'ନ୍ତି । ଦେଖିଲେ ବାଟରେ ଦୁ'ଜଣ ଚାଷୀ ଯାଉଛନ୍ତି । ସେଇଠୁ ମୁଖିଆ ଓ ପୁରୋହିତ ଦୁ'ଜଣଯାକ ସେମାନଙ୍କୁ ଡାକି ପକେଇଲେ ତାଙ୍କୁ ଟିକେ ଛଡ଼େଇ ନେବାକୁ । କିନ୍ତୁ ଚାଷୀ ଦୁ'ଜଣ ଯେମିତି ସେମାନଙ୍କୁ ଛୁଇଁଲେ, ସେମାନେ ବି ଟାଣି ହୋଇ ସେମାନଙ୍କ ସହିତ ଚାଲିଲେ ।

ଏମିତି ଚାଲି ଚାଲି ସେମାନେ ରାଜାଙ୍କ ନଅରରେ ପହଞ୍ଚିଲେ । ବୁଦ୍ଧୁ କିଛି ନ ଜାଣିଲା ପରି ଚାଲିଥାଏ । ରାଜାଙ୍କର ଗୋଟିଏ ବୋଲି ସୁନ୍ଦରୀ ଝିଅ । ସେ ଜମା ହସୁ ନ ଥାଏ । କେହି ବି ତାକୁ ହସାଇ ପାରୁ ନ ଥା'ନ୍ତି । ଏଣୁ ରାଜା ଡେଙ୍ଗୁରା ଦେଇଥାନ୍ତି, ଯେ ରାଜାଝିଅକୁ ହସେଇବ, ସେ ତାକୁ ବାହା ହେବ । ଏ କଥା ଶୁଣି ବୁଦ୍ଧୁ ରଜାଘର ଆଗ ଦେଇ ଯିବାକୁ ଲାଗିଲା । ରାଜାଝିଅ ତା'

Digitized by srujanika@gmail.com

ଘରର ଝରକା ପାଖରେ ବସିଥିଲା । ସେ ଯେମିତ ବୁଦ୍ଧୁ ଓ ଆଉ ତାର ସାତ ଜଣଙ୍କୁ ଧାଡ଼ି କରି ଲଗାଲଗି ହୋଇ ଯିବାର ଦେଖିଲା, ସେମିତ ହସି ହସି ବେଦମ ହୋଇଗଲା ।

ରାଜଝିଅ ହସିବାରୁ ରାଜାଙ୍କ କଥା ଅନୁସାରେ ବୁଦ୍ଧୁ ତାକୁ ବାହା ହେବା କଥା । କିନ୍ତୁ ରାଜା କ'ଣ ଜାଣିଥିଲେ ଏମିତିକା ଗୋଟାଏ ବୋକା ଆଉ ଗରିବ ଲୋକଟାଏ ରାଜଝିଅକୁ ହସେଇଦେବ ବୋଲି । ତା ନାଁ ପୁଣି ବୁଦ୍ଧୁ ! ରାଜା ତାଙ୍କ ଝିଅକୁ ବୁଦ୍ଧୁ ସାଙ୍ଗରେ ବାହା ନ ଦେବାକୁ ଉପାୟ ବାହାର କଲେ । ବୁଦ୍ଧୁ କହିଲା, "ମୋ ସାଙ୍ଗରେ ରାଜଝିଅର ବାହା ଦିଅ ।"

ରାଜା କହିଲେ, "ତମେ ମୋ ଜୋଇଁ ହେବ ଯେ, ଯଦି ତମେ ଏମିତ ଜଣେ ଲୋକ ଆଣିପାରିବ, ଯେ କି ମୋ ରାଜ୍ୟର ସବୁଠୁଁ ବଡ଼ ନଈର ପାଣି ସବୁ ପିଇଦେବ ।"

ବୁଦ୍ଧୁ କ'ଣ କରିବ ! ସେ ସେଇଠୁ ବଣକୁ ସେ ବୁଢ଼ା ପାଖକୁ ଗଲା । ବଣରେ ଦେଖିଲା, ଜଣେ ଲୋକ ମୁହଁ ଶୁଖେଇ ବସିଛି । ବୁଦ୍ଧୁ ତାକୁ କାହିଁକି ସେ ମୁହଁ ଶୁଖାଇ ବସିଛି ବୋଲି ପଚାରିଲା । ସେ କହିଲା, "ମୋତେ ଭାରି ଶୋଷ । ଏତେ ଶୋଷ ଯେ ଯଦି ରାଜ୍ୟର ସବୁଠୁ ବଡ଼ ନଈର ପାଣି ମିଳନ୍ତା, ମୁଁ ପିଅନ୍ତି ।"

ବୁଦ୍ଧୁ କହିଲା, "ହଉ, ମୋ ସାଙ୍ଗରେ ଆସ । ମୁଁ ତମକୁ ସବୁଠୁଁ ବଡ଼ ନଈର ପାଣି ପିଇବାକୁ ଦେବି ।" ସେଇଠୁ ବୁଦ୍ଧୁ ତାକୁ ନେଇ ରାଜାଙ୍କ ପାଖରେ ପହଞ୍ଚିଲା । ରାଜା ତାଙ୍କ ବଡ଼ ନଈର ପାଣି ତାକୁ ପିଇବାକୁ କହିଲେ । ସେ ନଈକୂଳରେ ବସି ଦିନକ ଭିତରେ ପୂରା ନଈଟାକୁ ପିଇଗଲା । ରାଜା ଲୋକଟା ପାଣି ପିଇଦେବା ଦେଖି ମନେ ମନେ ଭାରି ରାଗିଲେ ।

Digitized by srujanika@gmail.com

ରାଜା ସିନା ଭାବିଥିଲେ ବୁଦ୍ଧୁ ଏ କାମକୁ ପାରିବ ନାହିଁ ବୋଲି । ବୁଦ୍ଧୁ ଆସି ପୁଣି ରାଜାଝିଅକୁ ବାହା ହେବା ପାଇଁ ରାଜାଙ୍କୁ କହିଲା । ରାଜା ଏଥର ଆଉ ଏକ ବୁଦ୍ଧି ବାହାର କଲେ । ସେ ବୁଦ୍ଧୁକୁ କହିଲେ, "ତମେ ଯଦି ଏମିତି ଜଣେ ଲୋକ ଆଣିଦେବ, ଯେ ଦିନକ ଭିତରେ ପର୍ବତ ଉଚ୍ଚ ଖାଇବା ଜିନିଷ ଖାଇଦେଇ ପାରିବ, ତେବେ ମୁଁ ତମକୁ ମୋର ଜୋଇଁ କରିବି ।"

ଏ କଥା ଶୁଣି ବୁଦ୍ଧୁ ପୁଣି ବଣକୁ ଦଉଡ଼ିଲା । ଦେଖିଲାବେଳକୁ ବଣରେ ଗୋଟାଏ ଲୋକ ମୁହଁ ଶୁଖେଇ ଯେମିତି ସେ ମାସେ ହେଲା ଖାଇନି, ସେମିତି ପେଟକୁ ଆଉଁସି ବସିଛି । ବୁଦ୍ଧୁ ତାକୁ ପଚାରିଲା, "ତମର କ'ଣ ହୋଇଛି, ଏମିତି ମନଦୁଃଖରେ କାହିଁକି ଏକା ବସିଛ ?"

ସେ ଲୋକ କହିଲା, "ମୋତେ ଭାରି ଭୋକ । ପର୍ବତ ପରିମାଣର ଖାଇବା ଜିନିଷ ହେଲେ ଯାଇ ମୋର ପେଟ ପୂରିବ । ଏତେ ଖାଇବା ମୋ ପାଇଁ କେଉଁଠୁ ଆସିବ ?"

ବୁଦ୍ଧୁ କହିଲା, "ଏଇ କଥା, ହଉ ତମେ ମୋ ସାଙ୍ଗରେ ଆସ । ଯେତେ ଚାହିଁବ ଖାଇବ ।" ଏଇଆ କହି ସେ ଲୋକକୁ ସାଙ୍ଗରେ ନେଇ ବୁଦ୍ଧୁ ରାଜାଙ୍କ ପାଖରେ ପହଞ୍ଚିଲା । ରାଜା କିନ୍ତୁ ତାକୁ ଦେଖି ଜମା ଖୁସି ହେଲେ ନାହିଁ । ତାଙ୍କ କଥା ଅନୁସାରେ ସେ ଲୋକ ଆଗରେ ପର୍ବତ ଉଚ୍ଚ ଖାଇବା ଜିନିଷ ଗଦେଇ ଦିଆ ହେଲା । ସେ ଦିନକ ଭିତରେ ସେ ଖାଦ୍ୟ-ପର୍ବତଟାକୁ ଖାଇ ଶେଷ କରିଦେଲା । ସେ ଲୋକଟା ସବୁ ଖାଇଦେବାରୁ ରାଜା ମନେ ମନେ ଭାରି ରାଗିଗଲେ । ସେ ଯାହା କହୁଛନ୍ତି, ବୁଦ୍ଧୁ ସବୁ କରିଦେଉଛି । କିନ୍ତୁ ରାଜାଙ୍କର ଜମା ଏମିତିଆ ବୋକା, ନିର୍ବୁଦ୍ଧିଆ ଲୋକ ସାଙ୍ଗରେ ତାଙ୍କ ଝିଅକୁ ବାହା ଦେବାକୁ ଇଚ୍ଛା ନାହିଁ । ତେଣୁ ସେ ବୁଦ୍ଧୁକୁ କହିଲେ, "ତମେ ସିନା ଆଗ

Digitized by srujanika@gmail.com

ଦୁଇଟା କାମ କରିପାରିଲ, ହେଲେ ତମ ପାଇଁ ଆହୁରି ଗୋଟାଏ କାମ ବାକି ଅଛି । ଯଦି କରିପାରିବ, ତେବେ ତମେ ରାଜଜେମାକୁ ପାଇବ ।”

ବୁଦ୍ଧୁ କହିଲା, ‘ଆଉ କି କାମ ?’

ରାଜା କହିଲେ, “ତମକୁ ଏମିତିକା ଗୋଟାଏ ଜାହାଜ ଆଣିବାକୁ ପଡ଼ିବ, ଯଏ କି ପାଣିରେ ଯାଇପାରିବ ପୁଣି ମାଟିରେ ବି ଯାଇପାରିବ । ଏମିତିଆ ଜାହାଜ ଗୋଟାଏ ଆଣିଲେ ଯାଇ ମୁଁ ମୋ ଝିଅକୁ ତମ ସହିତ ବାହା ଦେବି ।”

ବୁଦ୍ଧୁ ଏବେ କରେ କ’ଣ ? ପୁଣି ବଣକୁ ଦଉଡ଼ିଲା । ବଣରେ ଦେଖିଲାବେଳକୁ ସେଇ ବୁଢ଼ା ତାକୁ ଅପେକ୍ଷା କରି ବସିଛି, ଯାହାକୁ ସେ ତା’ ପିଠା ଖାଇବାକୁ ଦେଇଥିଲା ।

ବୁଢ଼ା କହିଲା, “ମୁଁ ସବୁ କଥା ଜାଣିଛି । ତମ ପାଇଁ ମୁଁ ନଈକଯାକ ପାଣି ପିଇଲି, ପୁଣି ପର୍ବତ ଉଁଚ ଖାଇବା ଖାଇଲି । ଏସବୁ ମୁଁ କଲି; ତମେ ମୋତେ ଭୋକବେଳେ ଖାଇବାକୁ ଦେଇଥିଲ ବୋଲି । ତମେ ଭାରି ଦୟାଳୁ । ମୁଁ ତମକୁ ରାଜା କହିଥିବା ଜାହାଜ ଦେଉଛି । ତାକୁ ନେଇ ତମେ ରାଜାଝିଅକୁ ବାହା ହୋଇ ସୁଖରେ ରୁହ ।”

ଏଇଆ କହି ସେ ତାକୁ ମାଟି ଓ ପାଣିରେ ଚାଲିବା ଜାହାଜ ଦେଲା । ବୁଦ୍ଧୁ ଜାହାଜରେ ବସି ଆସି ରାଜାଙ୍କ ପାଖରେ ପହଞ୍ଚିଲା । ରାଜା ଏଥର ଆଉ ତାକୁ ମନା କରିପାରିଲେ ନାହିଁ । ବଡ଼ ଜାକଜମକରେ ତାଙ୍କ ଝିଅକୁ ବୁଦ୍ଧୁ ସହିତ ବାହା ଦେଲେ ।

Digitized by srujanika@gmail.com

ବୁଦ୍ଧୁ ରଜାଝିଅକୁ ବାହା ହୋଇ ରଜାଙ୍କ ପରେ ତାଙ୍କ ରାଜ୍ୟର ରାଜା ହେଲା ।

ନିଜ ଗୁଣ ପାଇଁ ରଜା ହେଲା ବୁଦ୍ଧୁ
ରାଜାଝିଅ ବାହା ହୋଇ
ସୁନାହଂସ କଥା ଏଇଠି ସରିଲା
ମନରୁ ଭୁଲିବ ନାହିଁ ।

Digitized by srujanika@gmail.com

ମୟୂରର ମନ



ବହୁତ ଦିନ ଆଗର କଥା । ସେତେବେଳେ ଏମିତିକା କଥାମାନ ଘଟୁଥିଲା । ଗୋଟିଏ କୁକୁଡ଼ା ଓ ମୟୂର ସାଙ୍ଗ ହୋଇ ଖଣ୍ଡେ ବଡ଼ ଜମି କିଣିଲେ । ଦୁହେଁ ଠିକ୍ କଲେ, ସେ ଜମିରେ ଚାଷ କରି ଫସଲକୁ ନିଜ ନିଜ ଭିତରେ ବାଣ୍ଟି ନେବେ । ସେଥିପାଇଁ ଦି'ଜଣଯାକ ତ ଜମିରେ କାମ କରିବା ଦରକାର ।

କୁକୁଡ଼ା ସେଇଠୁ ବଡ଼ି ସକାଳୁ ଉଠି ତା' ସକାଳ କାମଦାମ ସାରିଲା । ଦାନ୍ତଘଷା, ଗାଧୁଆପାଧୁଆ, ଠାକୁରପୂଜା ସାରି, ଜଳଖିଆ ଖାଇ ମୟୂରକୁ ଡାକ ପକାଇଲା, "ମୟୂର ଭାଇ, ମୟୂର ଭାଇ, ଆସ, ଆସ, କ୍ଷେତକୁ ଯିବା । ଆଜି ପରା ଆମ ଜମିରେ ହଳ ବୁଲାଇବା ।"

ମୟୂର କୁକୁଡ଼ା ଡାକ ଶୁଣି ଟିକିଏ ଭାବିଲା । ତା' ପରେ କହିଲା, "ଆଜି ତ ମୋର ଭାରି ନାଚିବାକୁ ମନ ହେଉଛି । ଦେଖୁନ, କୁକୁଡ଼ା ଭାଇ, ମୋ ଘୁଂଘୁରୁଗୁଡ଼ାକ କେମିତି ରୁଣୁଝୁଣୁ ହୋଇ ବାଜୁଛନ୍ତି ! ତମେ ହଳ ନେଇ

Digitized by srujanika@gmail.com

ଆଗରେ ଯାଇ ଜମି ଚଷ କରୁଥା’, ମୁଁ ଏଇ ଆଖି ପିଛୁଡ଼ାକେ ଯାଇ ତମ ପାଖରେ ପହଞ୍ଚିବି ।”

କୁକୁଡ଼ା ମୟୂରର କଥା ଶୁଣି ଭାରି ଆଶ୍ଚର୍ଯ୍ୟ ହୋଇଗଲା । ସେ ମନେ ମନେ ଭାବିଲା, ଜମି ଚଷ କରିବାକୁ ଯିବାବେଳେ ପୁଣି ନାଚିବାକୁ କ’ଣ ତାର ମନ ହେଉଛି ମ ! ସେଇଠୁ ସେ ମୟୂରକୁ ନାଚିବାକୁ ଛାଡ଼ିଦେଇ ହଳ ନେଇ ଜମିକୁ ଗଲା । ସାରା ଦିନ, ସଞ୍ଜ ପର୍ଯ୍ୟନ୍ତ ସେ ଜମିରେ ହଳ ବୁଲେଇ ଜମିକୁ ଧାନ ବୁଣିବାକୁ ଠିକ୍‌ଠାକ କରି ଆସିଲା । ଘରକୁ ଫେରି ହଳ ବାନ୍ଧିଦେଇ କୁକୁଡ଼ା ଗଛରେ ନିଘୋଡ଼ ନିଦରେ ଶୋଇପଡ଼ିଲା ।

ତା’ ପରଦିନ ସକାଳେ ଉଠି ତା’ କାମଦାମ ସାରି ପୁଣି ସେ ମୟୂରକୁ ଡାକିଲା, “ମୟୂର ଭାଇ, ପାହାନ୍ତିଆ ହେଲାଣି । ଆସ, ଆଜି ପରା ଆମର ଧାନ ବୁଣା ହେବ । ମୁଁ କାଲି ଜମିତକ ହଳ ବୁଲାଇ ଦେଇଛି । ସଅଳ ସଅଳ ବାହାରିପଡ଼ । ଧାନ ବୁଣୁ ବୁଣୁ ସଞ୍ଜ ହୋଇଯିବ ।”

ତା’ କଥା ଶୁଣି ମୟୂର କହିଲା, “କୁକୁଡ଼ା ଭାଇ, ମୋର ତ ଆଜି ଖାଲି ବସି ଭାବିବାକୁ ଇଚ୍ଛା ହେଉଛି । ମୁଁ ତ ଆଉ ଖାଲି ଖାଇବା କଥା ଭାବୁ ନାହିଁ ! ମୁଁ ଆହୁରି ବହୁତ କଥା ବସି ବସି ଭାବୁଛି । ମୁଁ ଆଜି ଧାନ ବୁଣିବାକୁ ଯାଇପାରିବି ନାହିଁ । ତମେ ଯାଇ ଧାନ ବୁଣ, ମୁଁ ଟିକେ ବସି ଭାବେ ।

ସେଇଠୁ କୁକୁଡ଼ା ଜମିକୁ ଯାଇ ଦିନଯାକ ଏକା ଏକା ଧାନ ବୁଣିଲା । ଏକା ଏକା ସବୁ କରିବାକୁ ତାକୁ ବହୁତ କଷ୍ଟ ହେଉଥାଏ । ତେବେ ସେ ଆଉ କ’ଣ କରିବ ! ମୟୂରର ତ ଦିନକୁ ଦିନ ଅଲଗା ଅଲଗା କଥାକୁ ମନ ହେଉଛି ।

Digitized by srujanika@gmail.com

କେତେ ଦିନ ପରେ ଦେଖୁ ଦେଖୁ ଧାନ ଗଛସବୁ ଗଜା ହୋଇଗଲା । ଧାନ ଗଜା ହେବାରୁ ସେଥିରେ ପାଣି ଦେବା ଦରକାର ପଡ଼ିଲା । କୁକୁଡ଼ା ସେଇଠୁ ଯାଇ ତା' ସାଙ୍ଗକୁ କହିଲା, "ମୟୂର ଭାଇ, ଆମ ଜମିରେ ଧାନସବୁ ଗଜା ହେଲାଣି, ଏଥର ସେଥିରେ ପାଣି ମଡ଼ାଇବା ଦରକାର । ଆସ ସାଙ୍ଗ ହୋଇ ପାଣି ଦେବା, ନ ହେଲେ ସବୁ ଗଜା ମରିଯିବ ।"

କୁକୁଡ଼ା କଥା ଶୁଣି ମୟୂର ତା' ଡାନପୁରା କାଢ଼ି, ଅଣ୍ଟ ମେଲେଇ ସାଙ୍ଗେ ସାଙ୍ଗେ ଗୀତ ଗାଇବାକୁ ଆରମ୍ଭ କରିଦେଲା । ସେ କହିଲା, "କୁକୁଡ଼ା ଭାଇ, ମୋର ତ ଆଜି ଭାରି ଗୀତ ଗାଇବାକୁ ମନ ହେଉଛି । ମୁଁ ଗୀତ ଗାଇଲେ ମେଘ ହେବ, ଆଉ ଜମିରେ ପାଣି ଦେବା ଦରକାର ହେବ ନାହିଁ । ତା' ଛଡ଼ା ଜମିରେ ପାଣି ମଡ଼ାଇବା ତ ସେମିତି କିଛି କଷ୍ଟ କାମ ନୁହେଁ । ତମେ ଶୀଘ୍ର ପାଣି ଦେଇସାରି ଘରକୁ ଫେରି ମୋ ଗୀତ ଶୁଣିବ ।"

ଏଇଆ କହି ସେ ଗୀତ ଗାଇବାକୁ ଆରମ୍ଭ କରିଦେଲା । ତା' ଗୀତ ଶୁଣି କୁକୁଡ଼ାର କାନ କ'ଣ ହୋଇଗଲା, ତାକୁ ଭାରି ଚିଡ଼ ମାଡ଼ିଲା । ସେ ଆଉ ଗୀତ ନ ଶୁଣି ଜମିରେ ପାଣି ଦେବାପାଇଁ ଚାଲିଗଲା । ପାଣି ଦେବାକୁ ତାକୁ ଭାରି ଭଲ ଲାଗୁଥାଏ । ସେ ସବୁଦିନ ଯାଇ ଜମିରେ ପାଣି ଦେଉଥାଏ । ଚାହୁଁ ଚାହୁଁ ଅଳ୍ପ କେତେ ଦିନ ଭିତରେ ଧାନ ଗଛସବୁ ବଡ଼ ବଡ଼ ହୋଇଗଲେ । ନେଳିଆ ଧାନ ଗଛରେ ସବୁ ଧାନଶୀଷ ବାହାରିଲା । ଧାନ ପାଚିଲା । ହଳଦିଆ, ପାଚିଲା ଧାନରେ ଧାନ ଗଛସବୁ ପବନ ବାଜି ତଳକୁ ନଇଁ ପଡ଼ୁଥାନ୍ତି । କୁକୁଡ଼ା ଧାନ ପାଚିବାର ଦେଖି ଭାରି ଖୁସି ହେଉଥାଏ । ଧାନ କାଟିବା ବେଳ ବି ଆସି ପହଞ୍ଚିଲା । ଏଥର କୁକୁଡ଼ା ଯାଇ ମୟୂରକୁ କହିଲା, "ମୟୂର ଭାଇ, ଧାନସବୁ ପାଚିଲାଣି, ଆସ ସାଙ୍ଗ ହୋଇ ଧାନ କାଟିବାକୁ ଯିବା । ନ କାଟିଲେ ଆଉ କିଏ ଆସି କାଟି ନେବ ।"

Digitized by srujanika@gmail.com

ମୟୂର କହିଲା, "ନାଇଁ ଭାଇ, ମୋର ତ ଆଜି କାହିଁକି ଭାରି ଖେଳିବାକୁ ମନ ହେଉଛି, ମୁଁ ଆଜି ଯିବନି । ଧାନ କାଟିବା ତ ସେମିତି କିଛି ଭିଡ଼ କାମ ନୁହେଁ, ତମେ ଏକା ବି କାଟିପାରିବ । ଆଉ ମୋତେ କାହିଁକି ଡାକୁଛ ? ମୁଁ ଟିକେ ଆଜି ମନ ପୂରାଇ ଖେଳିବି ।"

କୁକୁଡ଼ା ଆଉ କ'ଣ କରିବ ! ଏକା ଏକା ଯାଇ ଧାନତକ କାଟି ବିଡ଼ା ବାନ୍ଧି ଆଣି ଖଳାରେ ବୋହି ଆଣି ରଖିଲା । ତା' ସାଙ୍ଗ ତାକୁ କିଛି କାମରେ ସାହାଯ୍ୟ କରୁନି ବୋଲି ତାର ଭାରି ମନ ଦୁଃଖ ହେଉଥାଏ । ସେ ଆଉ ସେଥିପାଇଁ କ'ଣ କରିବ ? ତା' କାମ ସିଏ କରୁଥାଏ ।

ଧାନତକ ଖଳାରେ ରଖିସାରି ସେ ପୁଣି ଯାଇ ମୟୂରକୁ କହିଲା, "ମୟୂର ଭାଇ, ମେଘ ଆସିଲାଣି । ଆସ, ଧାନତକ ବେଙ୍ଗଳା ପକାଇ ଦେବା, ନ ହେଲେ ମେଘପାଣିରେ ଧାନସବୁ ପଚିଯିବ ।"

ମୟୂର କୁକୁଡ଼ା କଥା ଶୁଣି କହିଲା, "ଆଜି ତ ମୋର ମନ ଭାରି ଖୁସି ଅଛି । ମୁଁ ଆଜି ମୋ ପରଗୁଡ଼ାକ ସଫା କରିବି । ଆଉ ଧାନ ବେଙ୍ଗଳା ପକାଇବା ଏମିତି କ'ଣ କାମ ଯେ, ସେଥିପାଇଁ ଦି'ଜଣ ନିକମା ହେବା ? ତମେ ଏକା ତ ସେ କାମ କରିଦେଇ ପାରିବ, ମୋତେ କାହିଁକି ଡାକୁଛ ? ମୁଁ ଟିକେ ମୋ ପରଗୁଡ଼ାକ ଆଜ ସଫା କରିଦିଏଁ, ତମେ ଯାଇ ବେଙ୍ଗଳା ପକାଅ ।'

କୁକୁଡ଼ା ବିଚରା ଆଉ କ'ଣ କରିବ ! ସେ ଯାଇ ଦିନସାରା ଲାଗି ଧାନତକ ବେଙ୍ଗଳା ପକାଇ ଛଣରୁ ଅମଳ କରି ରଖିଲା । ତା' ପରେ ସେ ଆସି ମୟୂରକୁ କହିଲା, "ଧାନ ତ ଅମଳ ହୋଇଗଲା, ଏଇକ୍ଷଣି ତାକୁ କୁଟି ତାର

Digitized by srujanika@gmail.com

ଚଷ୍ଟୁ ଆଉ କୁଣ୍ଡା ସବୁ ଅଲଗା କରିବାକୁ ହେବ । ନ ହେଲେ ଧୂଳିଝଡ଼ ଆସିଲେ ଆଉ ସେସବୁ କରିବାକୁ ସୁବିଧା ହେବ ନାହିଁ । ଦୁ'ଜଣ ସାଙ୍ଗ ହେଲେ ସୁବିଧାରେ ଧାନ ଆଉ କୁଣ୍ଡା ଅଲଗା କରିହେବ ।"

ତା' କଥା ଶୁଣି ମୟୂର କହିଲା, "ଯାହା କହିଲ ସତ କଥା, ହେଲେ ମୁଁ କ'ଣ କରିବି, ମୋର ତ ଆଜି ଖାଲି ବହି ପଢ଼ିବାକୁ ମନ ହେଉଛି । ମୁଁ ଆଜି ସବୁ ବହିର ପ୍ରତି ପୃଷ୍ଠା ପଢ଼ିବି । ତେଣୁ ମୋତେ କୁଣ୍ଡା ଝାଡ଼ିବାକୁ ଯିବାକୁ ବେଳ ହେବନି । ତା' ଛଡ଼ା କୁଣ୍ଡା ଝାଡ଼ିବା ତ ଭାରି ସହଜ କାମ, ତୁମେ ଏକା କରିପାରିବ । ମୋତେ ଆଉ କାହିଁକି ଡାକୁଛ ?"

କୁକୁଡ଼ା ସେଇଠୁ ଧାନରୁ କୁଣ୍ଡାସବୁ ଝାଡ଼ି ଲାଗି ଝାଡ଼ିଲା । ଖରାରେ ତା' ଦେହ ମୁଣ୍ଡ କ'ଣ ହୋଇଯାଉଥାଏ । ସେ କିନ୍ତୁ ତା' କାମକୁ ଭାରି ଯତ୍ନରେ କରୁଥାଏ । କୁଣ୍ଡାତକ ଗୋଟିଏ ପାଖରେ ଆଉ ଧାନତକ ଆଉ ଗୋଟିଏ ପାଖରେ ଅଲଗା ଅଲଗା କରି ରଖିଲା । ଦେଖୁ ଦେଖୁ କୁଣ୍ଡାଗଦାଟା ଏଡ଼େ ଉଚ୍ଚ ହୋଇଗଲା । ତା' ପାଖରେ ଧାନଗଦା ଛୋଟିଆଟିଏ ହୋଇଥାଏ ।

ଏଇ ସମୟରେ ମୟୂର ଗୋଡ଼ ଟିପି ଟିପି ଆସି ପହଞ୍ଚିଲା । ସେ କହିଲା, "କୁକୁଡ଼ା ଭାଇ, ଆଜି ମୋର କାମ କରିବାକୁ ମନ ହେଉଛି । ହେଲେ ମୁଁ କାମକୁ ଜମା ଡରେ ନାହିଁ । ବୁଝିଲ, ତମେ ସବୁ ସହଜ କାମଯାକ କଲ । ଏବେ ଭାଗ କରିବା କାମ ମୋର । ଭାଗ କରିବା କାମ କିନ୍ତୁ ଜମା ସହଜ କାମ ନୁହେଁ । ତେବେ ବି ମୁଁ ତାକୁ ଏକା ଏକା କରିବି । ତମେ ସେ ପାଇଁ ବ୍ୟସ୍ତ ହୁଅ ନାହିଁ ।"

କୁକୁଡ଼ା ଦେଖିଲା ମୟୂରକୁ ପାଠ ଦେବାର ବେଳ ଆସିଗଲା । ଅଳସୁଆ ମୟୂର ସବୁ କାମ ଶେଷ ହେବା ପରେ ଆସିଛି ଭାଗ ବସେଇବା ପାଇଁ । ସେ ଠିକ୍ କଲା ଅଳସୁଆ ମୟୂରକୁ ଉଚିତ ଶିକ୍ଷା ଦେବ । ସେ ଜାଣେ

Digitized by srujanika@gmail.com

ଯେ, ମୂର୍ଖ ମୟୂର କୁଣ୍ଡା ଗଦା ଆଉ ଧାନ ଗଦା ଭିତରେ ଥିବା ତଫାତ କିଛି ବୁଝି ନାହିଁ । ତେଣୁ ସେ ତାକୁ ଅଣ୍ଟାଳିଆ କରି କହିଲା, "ହଉ, ମୁଁ ତ ହଳ କଲି, ଧାନ ବୁଣିଲି, ଫସଲ ଅମଳ କଲି, ସବୁ କାମ କଲି । ତେଣୁ ବଡ଼ ଗଦାଟା ମୁଁ ନେବି ।" ମୟୂରକୁ ତ କିଛି ଜଣା ନାହିଁ ବଡ଼ ଗଦା ଆଉ ସାନ ଗଦା ଭିତରେ କାହାର ମୂଲ୍ୟ ବେଶୀ । ସେ ସେଇଠୁ କହିଲା, "କାହିଁକି, କାହିଁକି, ମୁଁ ତ ତମଠାରୁ ଢେର ବଡ଼, ତେଣୁ ମୁଁ ବଡ଼ ଗଦାଟା ନେବି ।" ଏ କଥା କହି ସେ କୁକୁଡ଼ାକୁ ଦୂରକୁ ପେଲି ଦେଇ କୁଣ୍ଡାଗଦା ଉପରେ ଚଢ଼ିଗଲା ।

କୁକୁଡ଼ା ତା' ଧାନଗଦା ନେଇ ସେଥିରୁ ଧାନ ବିକି ଏତେ ଟଙ୍କା ପାଇଲା ଯେ, ସେ ବହୁତ ଧନୀ ହୋଇଗଲା । ସମସ୍ତେ ଆସି ତା'ଠାରୁ ଧାନ କିଣିଲେ । ହେଲେ କିଏ ବା କୁଣ୍ଡା କିଣିବାକୁ ଯିବ ? କିଏ କୁଣ୍ଡା ପାଇଁ ଏତେ ଟଙ୍କା ଦେବ ? ମୟୂର ଯେତେବେଳେ ତା' କୁଣ୍ଡା ବିକିବାକୁ ଗଲା, ସମସ୍ତେ ତାକୁ ଦୁଇ ଚାରି ପଇସା ଦେଇ କୁଣ୍ଡା ନେବାକୁ ଇଚ୍ଛା କଲେ । ସେ ବଡଘର କଥା କହିଲେ ନ ସରେ । ଅତି ଲୋଭୀ ଓ ଅଳସୁଆଙ୍କର ଯାହା ହୁଏ, ଆଜି ମୟୂରର ସେଇ ଅବସ୍ଥା ।

ଶେଷରେ କୁକୁଡ଼ା ତାକୁ ଡାକି କହିଲା,

ମୟୂର ଭାଇ, ମୟୂର ଭାଇ, "ତମର ଆଜି କାନ୍ଦିବା ମନ
ମୋର ସିନା ହସିବା ଦିନ
ଝିରିଅ ଲୁହ ଉଁଛରେ ବସି
କରସ ମନ ନ ଯିବ ହଜି ।"

।   ———

Digitized by srujanika@gmail.com